

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୨ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 AUGUST 2020
Vol.No. 30 ■ No. 203■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman


## ସେପ୍ଟେମ୍ବର ୯ରୁ ୧୫ ଯାଏ ହେବ ଓଜେଇଇ ପରୀକ୍ଷା

ଭୁବନେଶ୍ୱର,୧୧।୮ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୯ ତାରିଖରୁ ୧୫ ତାରିଖ ଯାଏ ଓଜେଇଇ ପରୀକ୍ଷା ଅନୁଷ୍ଠିତ ହେବ । ବୈଷୟିକ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ୧୬ଟି ଜିଲ୍ଲାର ସରକାରୀ ପଲିଟେକନିକ ଓ ଆଇଟିଆଇର ଅଧ୍ୟକ୍ଷ ମାନଙ୍କୁ ପତ୍ର ଲେଖା ଯାଇଛି । ଓଜେଇଇ ଓ ଟିସିଏସର ଅଧିକାରୀ ମାନେ ଏ ସବୁ କଲେଜ ପରିଦର୍ଶନ କରି ଓଜେଇଇ ପରୀକ୍ଷା କେନ୍ଦ୍ର ଚୟନ କରିବେ । ଏଥିରେ ସହଯୋଗ କରିବାକୁ ଅଧ୍ୟକ୍ଷ ମାନଙ୍କୁ ଅନୁରୋଧ କରା ଯାଇଛି ।

## ଆଜି ପ୍ରକାଶ ପାଇବ ଯୁକ୍ତ୨ ବିଜ୍ଞାନ ରେଜଲ୍ଟ

ଭୁବନେଶ୍ୱର,୧୧।୮ (ନି.ପ୍ର): ଆସନ୍ତାକାଲି (ବୁଧବାର) ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇବ । ୧୨ ତାରିଖ ଦିନ ମଧ୍ୟାହ୍ନ ୧୨.୩୦ ମିନିଟ୍ ସମୟରେ ପରୀକ୍ଷା ଫଳ ସିଏଚଏସଇର ୱେବସାଇଟ୍ ରେ ପ୍ରକାଶିତ ହେବ । ସେହିପରି ଅଗଷ୍ଟ ତୃତୀୟ ସପ୍ତାହରେ ଯୁକ୍ତ ୨ ବାଣିଜ୍ୟ ଓ ମାସ ଶେଷ ସପ୍ତାହରେ କଳା ରେଜଲ୍ଟ ପ୍ରକାଶ ପାଇବ । ଗତକାଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଥିଲେ ।

## ୧୩ରେ ଆଉ ଏକ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୧୧।୮ (ନି.ପ୍ର): ଆସନ୍ତା ୧୩ ତାରିଖରେ ଆସୁଛି ଆଉ ଏକ ଲଘୁଚାପ । ଉତ୍ତର ପଶ୍ଚିମ ବଙ୍ଗୋପ ସାଗର ଓ ଏହାର ନିକଟବର୍ତ୍ତୀ ଅଂଚଳରେ ଏକ ଲଘୁଚାପ ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର କିଛି ଅଂଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।ବିଶେଷ କରି ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷିବା ନେଇ ସତର୍କ କରାଇଛି ପାଣିପାଗ କେନ୍ଦ୍ର । ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ବିଶ୍ୱର ପ୍ରଥମ କରୋନା ଟିକାକୁ ଅନୁମୋଦନ ଦେଲା ରୁଷ




ନୂଆଦିଲ୍ଲୀ,୧୧।୮ (ନି.ପ୍ର): କରୋନା ଭାଇରସ ପାଇଁ ପ୍ରଥମ ଟୀକା ପ୍ରସ୍ତୁତ କରିବା ନେଇ ଦାବି କରିଛି ରୁଷ । ରୁଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ମଙ୍ଗଳବାର ଏହି ଘୋଷଣା କରିଛନ୍ତି । ପୁଟିନ୍ କହିଛନ୍ତି ଯେ ଏହା ହେଉଛି ବିଶ୍ୱର ପ୍ରଥମ ସଫଳ କରୋନା ଟିକା, ଯାହା ରୁଷର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ହୋଇଛି । ଏହି ଟିକା ତାଙ୍କ ଝିଅଙ୍କୁ ଦିଆଯାଇଛି ଏବଂ ସେ ସୁସ୍ଥ ଥିବା ରାଷ୍ଟ୍ରପତି କହିଛନ୍ତି । ସୂଚନା ଅନୁଯାୟୀ, ଏହି ଟିକା ମସ୍କୋର ଗାମାଲିଆ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଇଛି । ମଙ୍ଗଳବାର ରୁଷର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଟିକାକୁ ସଫଳ ବୋଲି କହିଛି । ଏହା ସହ ଭ୍ଲାଡିମିର ପୁଟିନ ଘୋଷଣା କରିଛନ୍ତି ଯେ ଖୁବ୍ ଶୀଘ୍ର ରୁଷରେ ଏହି ଟିକା ଉତ୍ପାଦନ ଆରମ୍ଭ ହେବ ଏବଂ ବହୁ ସଂଖ୍ୟକ ଟିକା ପ୍ରସ୍ତୁତ କରାଯିବ । ପୁଟିନ କହିଛନ୍ତି ଯେ ତାଙ୍କ ଝିଅ ମଧ ଏହି ଟିକା ନେଇଛନ୍ତି, ପୂର୍ବରୁ ଜ୍ୱର ୩୮ ଡିଗ୍ରୀ ଥିଲା, ଟିକା ପରେ ଏହା ବୃଦ୍ଧି ପାଇଲା କିନ୍ତୁ ପରେ ଏହା ନିୟନ୍ତ୍ରଣକୁ ଆସିବାକୁ ଲାଗିଲା । ଏହା ବ୍ୟତୀତ ଟୀକାକରଣ ପରେ କିଛି ଲୋକଙ୍କର କରୋନା ଲକ୍ଷଣ ନାହିଁ ବୋଲି ସେ ଦାବି କରିଛନ୍ତି ।

# ଓ ଜିଲ୍ଲା ଗସ୍ତ କରି ସମୀକ୍ଷା କଲେ ଡିଜିପି




ଭୁବନେଶ୍ୱର,୧୧।୮ (ନି.ପ୍ର): ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ମଙ୍ଗଳବାର ଦିନ ଯାଜପୁର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଗସ୍ତ ସମୟରେ ଡିଜିପି ମୁଖ୍ୟତଃ ୩ ଜିଲ୍ଲାରେ କୋଭିଡ୍ କଟକଣାର ସଠିକ୍ ଅନୁପାଳନ ର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରରେ ଭଲ କାର୍ଯ୍ୟ କରୁଥିବା ପୋଲିସ୍ ଅଧିକାରୀଙ୍କ ସହ ବାର୍ତ୍ତାଳାପ କରିବା ସହ ପ୍ରଶଂସା କରିଥିଲେ । କରୋନାରୁ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେଇଥିବା ପୋଲିସ୍ କରୋନା ଯୋଦ୍ଧା ମାନଙ୍କୁ ଡିଜିପି ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଏହା ବ୍ୟତୀତ ବିଭିନ୍ନ ମାମଲା ଗୁଡିକର ତଦନ୍ତ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ସମୀକ୍ଷା କରିଥିଲେ ଡିଜିପି । ଡିଜିପିଙ୍କ ଗସ୍ତ ସମୟରେ ପୂର୍ବାଂଚଳ ଆଇଜିଙ୍କ ସମେତ ୩ ଜିଲ୍ଲାର ଏସପି ମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର



ନୂଆଦିଲ୍ଲୀ,୧୧।୮ (ନି.ପ୍ର): ଦେଶର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି । ଦିଲ୍ଲୀସ୍ଥିତ ଆର୍ମି ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲ୍ ରେ ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର ପରେ ୮୪ ବର୍ଷୀୟ ଶ୍ରୀ ମୁଖାର୍ଜୀଙ୍କୁ ଭେଂଟିଲେଟରରେ ରଖାଯାଇଛି । ମଙ୍ଗଳବାର ହସ୍ପିଟାଲ ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍ ରେ ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ, ପ୍ରଣବ ମୁଖାର୍ଜୀଙ୍କୁ ଗତ ଅଗଷ୍ଟ ୧୦ ତାରିଖରେ ଦିଲ୍ଲୀ କ୍ୟାଂଟର ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଅସ୍ତ୍ରୋପଚାର କରାଯାଇଥିଲା । ଅସ୍ତ୍ରୋପଚାର ପରେ ତାଙ୍କୁ ଭେଂଟିଲେଟର ସପୋର୍ଟରେ ରଖାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ସୋମବାର ଦିନ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ସେ କରୋନା

▶▶ପୃଷ୍ଠା ୭

## କଟକରେ ଗତ ୨୪ ଘଂଟା ମଧ୍ୟରେ ୨୦୪ଜଣ ମାସ୍କ ପିନ୍ଧି ନ ଥିବାରୁ ଜୋରିମାନା

ଭୁବନେଶ୍ୱର, ୧୧ ଅଗଷ୍ଟ - କଟକରେ ଗତ ୨୪ ଘଂଟା ମଧ୍ୟରେ ୨୦୪ ଜଣ ମାସ୍କ ପିନ୍ଧି ନ ଥିବା କାରଣରୁ ଜୋରିମାନା ଆଦାୟ ହୋଇଛି । ସେହିପରି ଏହି ସମୟ ମଧ୍ୟରେ ୪୮୬ ଜଣ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବା ନେଇ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ସୌମ୍ୟରଂଜନ ପଟ୍ଟନାୟକ କରୋନା ପଜିଟିଭ୍



ଭୁବନେଶ୍ୱର,୧୧।୮ (ନି.ପ୍ର): ଖଣ୍ଡପଡ଼ାର ବିଜେଡି ବିଧାୟକ ତଥା ଦୈନିକ 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଏସମ୍ପର୍କରେ ସେ ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି । ସେ ଟୁଇଟ୍ କରି କହିଛନ୍ତି, 'ମୁଁ ଆଜି କରୋନା ପଜିଟିଭ ହେଇଥିବା କଥା ଜଣାପଡ଼ିଛି । ମୁଁ ସୁସ୍ଥ ଅଛି । ଗତ ସପ୍ତାହରେ ମୋ ସଂସ୍ପର୍ଶରେ ଆସିଥିବା ବନ୍ଧୁମାନଙ୍କୁ ଡାକ୍ତରୀ ପରାମର୍ଶ ନେବାପାଇଁ ଅନୁରୋଧ କରୁଛି ।' ସୂଚନାଯୋଗ୍ୟ ଏଥିପୂର୍ବରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓ ରେମୁଣା, କଟକ ଜିଲ୍ଲାର ସାଲେପୁର ଓ ଗଞ୍ଜାମ ଜିଲ୍ଲାର ପୋଲସରା ବିଧାୟକ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଏହାଛଡା ନିକଟରେ ବରଗଡ ସାଂସଦ ସୁରେଶ ପୂଜାରୀ ମଧ ପଜିଟିଭ ଚିହ୍ନଟ ହୋଇଥିଲେ ।

## ସୌମ୍ୟରଂଜନଙ୍କ ଆଶୁ ଆରୋଗ୍ୟ କାମନା କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୧୧।୮ (ନି.ପ୍ର): ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ ସମ୍ବାଦ ସମ୍ପାଦକ ଓ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ କରୋନା ପଜିଟିଭ ହୋଇଥିବା ଜାଣିବାକୁ ପାଇଲି । ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛି ।

# ବିନା ପରେଡରେ ପାଳିତ ହେବ ସ୍ୱାଧୀନତା ଦିବସ ସମାରୋହ

### ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ଗୃହ ବିଭାଗର ଚିଠି

ଭୁବନେଶ୍ୱର,୧୧।୮ (ନି.ପ୍ର): କରୋନା କଟକଣା ଯୋଗୁଁ ଏଥର ସ୍ୱାଧୀନତା ଦିବସ ସମାରୋହକୁ ନିରାଡମ୍ବର ଭାବେ ପାଳନ କରାଯିବ । ଏଥର ସ୍ୱାଧୀନତା ଦିବସ ସମାରୋହରେ ପରେଡ କିମ୍ବା ମାର୍ଚ୍ଚ ପାଷ୍ଟ ହେବ ନାହିଁ ଓ କିମ୍ବା ସାଧାରଣ ଜନତାଙ୍କୁ ଆମନ୍ତ୍ରିତ କରାଯିବ ନାହିଁ । ଗୋଟିଏ କିମ୍ବା ଦୁଇଟି ପୋଲିସ କଂଟିଜେଂଟ ଏଥିରେ ଭାଗ ନେବେ । ସକାଳ ୯ଟା ପରେ ପତାକା ଉତୋଳନ କରା ଯିବ ।

କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁସାରେ ଏହି ସମାରୋହ ଯଥାସମ୍ଭବ କମ ଲୋକରେ ପାଳନ କରିବାକୁ ରାଜ୍ୟ ଗୃହ ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଏସପିମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦିଆଯାଇଛି ।

ଏଥର କେବଳ ୫୦ରୁ ୭୫ ଜଣ ଲୋକଙ୍କୁ ନେଇ ସ୍ୱାଧୀନତା ଦିବସ ଆୟୋଜନ କରାଯିବ । ସେମାନଙ୍କ ମଧରେ ୧୫ରୁ ୨୦ କରୋନା ଯୋଦ୍ଧାଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଏଥରର ସମାରୋହରେ କୋଭିଡ-୧୯ ଯୋଦ୍ଧା ଯେପରିକି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପରିମଳ କର୍ମୀଙ୍କୁ ଡକାଇ ସେମାନଙ୍କ ସେବାକୁ ସ୍ୱୀକୃତି ଦେବାକୁ ପରାମର୍ଶ ଦିଆଯାଇଛି । ସମାରୋହରେ ଯୋଗଦେଉଥିବା ଲୋକମାନେ ସାମାଜିକ ଦୂରତ୍ୱ ରଖିବେ ଓ ମାସ୍କ ପିନ୍ଧିବେ ପ୍ରବେଶ ପଥରେ ସାନିଟାଇଜର ଆଦି ବ୍ୟବସ୍ଥା କରାଯିବ ।

# ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ



### ମୃତ୍ୟୁ ସଂଖ୍ୟା ୨୯୬ ହେଲା

ଭୁବନେଶ୍ୱର,୧୧।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୯୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଓ ଖୋର୍ଦ୍ଧା ଜିଲ୍ଲାର ୩-୩ ଜଣ ଥିବା ବେଳେ ପୁରୀ. ବାଲେଶ୍ୱର, ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସେହିପରି ଗଂଜାମ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ହିଁ ଅନ୍ୟ ଜଣେ ଜଣେ ୬୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ହିଁ ଅନ୍ୟ ଜଣେ ୫୨ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲାର ଜଣେ ୮୦ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ଆଜମା ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୫ ବର୍ଷ ବୟସ୍କା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲାର ଜଣେ ୨୬ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ କ୍ରନିକ କିଡନି ରୋଗ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସେହିପରି ଭାବେ ସୁନ୍ଦରଗଡ ଜିଲ୍ଲାର ଜଣେ ୫୭ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଅନ୍ୟ ଜଣେ ୫୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୩୪୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୪୮୭୯୬କୁ ବୃଦ୍ଧି

ଭୁବନେଶ୍ୱର,୧୧।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୪୧ଜଣ ନୂଆ କରୋନା ୪୮୭୯୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୩୪୧ ଜଣଙ୍କ ମଧ୍ୟରୁ ୮୧୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୫୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ୨୨୭ଟି ମାମଲା ସାମନାକୁ ଆସିଛି । ସେହିପରି ଖୋର୍ଧା ଜିଲ୍ଲାରେ ୨୧୮ ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୪, ବାଲେଶ୍ୱର ଜିଲ୍ଲାରେ ୫୪ ଜଣ, ବରଗଡ ଜିଲ୍ଲାରେ ୫୬, ଭଦ୍ରକ ଜିଲ୍ଲାରେ ୮୩, ବଲାଙ୍ଗିର ଜିଲ୍ଲାରେ ୨୭ .ବୌଦ୍ଧ ଜିଲ୍ଲାରେ ୧୦,କଟକ ଜିଲ୍ଲାରେ ୭୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୧୪, ଗଜପତି ଜିଲ୍ଲାରେ ୨୦, ଜଗତସିଂହପୁର ଜିଲ୍ଲାରେ ୧୬, ଯାଜପୁର ଜିଲ୍ଲାରେ ୧୫. ଝାରସୁଗୁଡା ଜିଲ୍ଲାରେ ୬୭, କଳାହାଣ୍ଡି ଜିଲ୍ଲାରେ ୨୫. କନ୍ଧମାଳ ଜିଲ୍ଲାରେ ୧୬, କେନ୍ଦ୍ରାପଡା ଜିଲ୍ଲାରେ ୨୭,କେନ୍ଦୁଝର ଜିଲ୍ଲାରେ ୨୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୫ ଜଣ, ମାଲକାନଗିରି ଜିଲ୍ଲାରେ ୧୭ , ମୟୁରଭଂଜ ଜିଲ୍ଲାରେ ୯, ନବରଙ୍ଗପୁରରେ ୬, ନୟାଗଡ ଜିଲ୍ଲାରେ ୫୭, ନୂଆପଡା ଜିଲ୍ଲାରେ ୭, ପୁରୀ ଜିଲ୍ଲାରେ ୧୬ , ରାୟଗଡା ଜିଲ୍ଲାରେ ୭୫, ସମ୍ବଲପୁର ଜିଲ୍ଲାରେ ୨୬,ସୋନପୁର ଜିଲ୍ଲାରେ ୧୪ ତଥା ସୁନ୍ଦରଗଡ ଜିଲ୍ଲାରେ ୯୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଗୋଟିଏ ଦିନରେ ୧୭୮୫ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୧।୮ (ନି.ପ୍ର): ରାଜ୍ୟର ୨୮ ଟି ଜିଲ୍ଲାରୁ ମଙ୍ଗଳବାର ଦିନ ଆଉ ୧୭୮୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୪,୮୦୫କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାରୁ ସର୍ବାଧିକ ୪୦୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୨୬୩, କଟକ ଓ ସମ୍ବଲପୁରରୁ ୧୨୬ , କେନ୍ଦୁଝରରୁ ୧୦୧, ମାଲକାନଗିରି ୯୧,କନ୍ଧମାଳରୁ ୮୪, ରାୟଗଡାରୁ ୮୧,ଗଜପତିରୁ ୮୦, ଢେଙ୍କାନାଳରୁ ୬୦, ମୟୁରଭଂଜରୁ ୫୦, ଯାଜପୁରରୁ ୪୯,କଳାହାଣ୍ଡିରୁ ୪୮,

▶▶ପୃଷ୍ଠା ୭

# ନୂତନ ଭାବେ ତିନୋଟି କୋର୍ଟ ଖୋଲାଯିବା ପ୍ରସଙ୍ଗରେ ଜିଲ୍ଲା ମହୋରିର୍ ସଂଘର କୃତଜ୍ଞତା

ବାରିପଦା,୧୧।୮ (ନି.ପ୍ର): ଓଡିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତ ପତ୍ର ସଂଖ୍ୟା ୭୩୫୪ (୨୪) / ୦୭.୦୮.୨୦୨୦ ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ରାସଗୋବିନ୍ଦପୁର ଓ ଠାକୁରମୁଣ୍ଡାଠାରେ ୩ ଟି ସିଭିଲ୍ ଜଜ୍ କୋର୍ଟ ପ୍ରତିଷ୍ଠା କରାଯିବା ସମ୍ବନ୍ଧେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଆଦିବାସୀ ଅଧ୍ୟୁଷିତ ତଥା ଶିଳ୍ପ ବିହୀନ ଅର୍ଥ ସଙ୍କଟରେ କାଳାତିପାତ କରୁଥିବା ମୟୂରଭଞ୍ଜ ଜିଲ୍ଲାବାସୀମାନଙ୍କ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓ ଓଡିଶା ସରକାରଙ୍କର ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ବର୍ଣ୍ଣନା କରିବା ସଂଗେସଂଗେ ବଣ ପାହାଡ ଘେରା ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଜନହିତକର କାର୍ଯ୍ୟ ବୋଲି ମୟୂରଭଞ୍ଜ ଜିଲ୍ଲା ମହୋରିର୍ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ ଓ ସମ୍ପାଦକ ସଂଗ୍ରାମ ଶତପଥୀ ପ୍ରକାଶ କରିବା ସହ ସଙ୍ଘର ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଶେଷତଃ ମୟୂରଭଞ୍ଜ ଜିଲ୍ଲାର ହକ୍ ଓ ଏଥି ନିମନ୍ତେ ଜିଲ୍ଲା ବାର ଆସୋସିଏସନ ଚଳାଇ ଆସିଥିବା ଆନ୍ଦୋଳନ ବହୁ ପ୍ରତିକ୍ଷିତ ହାଇକୋର୍ଟ ସ୍ଥାୟୀ ବେଂଚଟିଏ ଏହି ଜିଲ୍ଲାରେ ସ୍ଥାପନ କରାଗଲେ ସ୍ୱଳ୍ପ ବ୍ୟୟରେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅବହେଳିତ ଜିଲ୍ଲାର ଗରୀବ ପ୍ରଜାମାନେ ସୁବିଧା ପାଇବାରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ନିଜର ଦାବି ଉପସ୍ଥାପନ କରିଥିଲେ ।

# କ୍ରାନ୍ତି ଦିବସରେ ବିଜେପିର ବୃକ୍ଷରୋପଣ



ଜଳେଶ୍ୱର,୧୧।୮ (ନି.ପ୍ର): ଗତ ରବିବାର କ୍ରାନ୍ତି ଦିବସ ଉପଲକ୍ଷେ ବିଜେପି ପକ୍ଷରୁ ଜଳେଶ୍ୱର ଥାନା ସମ୍ମୁଖରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଥାନା ଆଇଆଇସି ଧନେଶ୍ୱର ସାହୁ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଯୁବମୋର୍ଚ୍ଚା ସଭାପତି ରବିନ୍ଦ୍ର ନାଥ ପାତ୍ରଙ୍କ ନେତୃତ୍ୱରେ ରେଜାବୁଲ ଖାଁ, ସୁବ୍ରତ ଘୋଷ, ହରିଶଂକର ଗିରି, ସୌରୀ ଶଂକର ରଣା, ସେକ୍ ସୁଲତାନ, ମନୋଜ କୁମାର ଧଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଗତବର୍ଷ ତୁଳନାରେ ୨୦ ପ୍ରତିଶତ ଅଧିକ ଡାଲି ଓ ତୈଳବୀଜ ସଂଗୃହିତ

ଭୁବନେଶ୍ୱର,୧୧।୮ (ନି.ପ୍ର): ଗତବର୍ଷ ତୁଳନାରେ ଚଳିତ ବର୍ଷ ୨୦ ପ୍ରତିଶତ ଅଧିକ ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଛି । ଗତବର୍ଷ ମୋଟ ୫୦ କୋଟି ୮୩ ଲକ୍ଷ ୮୪ ହଜାର ୯୦୦ ଟଙ୍କା ମୂଲ୍ୟର ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଥିବାବେଳେ ଚଳିତ ବର୍ଷ ୬୦ କୋଟି ୨୩ ଲକ୍ଷ ୯୨ ହଜାର ୩୪୬ ଟଙ୍କା ମୂଲ୍ୟର ସଂଗ୍ରହ କରାଯାଇଛି । ଏଥି ମଧ୍ୟରେ ୬୯୯୫.୩୮୨ ମେଟ୍ରିକ୍ ଟନ୍ ମୁଗ, ୨୦୧୧.୩୩୫ ମେଟ୍ରିକ୍ ଟନ୍ ଚିନାବାଦାମ ଏବଂ ୧୨୧.୦୭୯ ମେଟ୍ରିକ୍ ଟନ୍ ସୂର୍ଯ୍ୟମୁଖୀ ମଂଜି ଅନ୍ତର୍ଭୁକ୍ତ । ଗତବର୍ଷ ସମୁଦାୟ ୭୫୯୩.୨୮୦ ମେଟ୍ରିକ ଟନ୍ ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଥିବାବେଳେ ୨୦୧୯-୨୦ ରବି ଋତୁରେ ୯୧୨୭.୭୯୬ ମେଟ୍ରିକ୍ ଟନ ସଂଗ୍ରହ କରାଯାଇଛି । ସାରା ରାଜ୍ୟରେ କୋଭିଡ୍-୧୯ ସ୍ଥିତିରେ ଉପୁଜୁଥିବା ଆହ୍ୱାନକୁ ମୁକାବିଲା କରିବା ସହିତ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ବଜାୟ ରଖି ଏବଂ ସଂପୃକ୍ତ ଅଧିକାରୀଙ୍କ ସହିତ ସ୍ଥିତିର ନିୟମିତ ସମୀକ୍ଷା କରି ଗତବର୍ଷ ତୁଳନାରେ ଅଧିକ ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇପାରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସମବାୟ ବିଭାଗ ପକ୍ଷରୁ ମାର୍କଫେଡ୍ ଦ୍ୱାରା ରାଜ୍ୟର ଗତବର୍ଷ ୮ଟି ଜିଲ୍ଲା ତୁଳନାରେ ଚଳିତ ବର୍ଷ ୧୩ଟି ଜିଲ୍ଲାରୁ ବିଭିନ୍ନ ପ୍ୟାକସ୍ ଜରିଆରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କଠାରୁ ମୁଗ, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ କରାଯାଇଛି । ଏଥି ମଧ୍ୟରେ ଯାଜପୁର ଜିଲ୍ଲାରୁ ମୋଟ ୨୫ କୋଟି ୨୪ ଲକ୍ଷ ୪୯ ହଜାର ୯୨୫ ଟଙ୍କା ମୂଲ୍ୟର ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଥିବାବେଳେ ମାଲକାନଗିରି ଜିଲ୍ଲାରୁ ୯ କୋଟି ୮୬ ଲକ୍ଷ ୭୩ ହଜାର ୪୪୦ ଟଙ୍କା ମୂଲ୍ୟର, ଜଗତସିଂହପୁର ଜିଲ୍ଲାରୁ ୮ କୋଟି ୯୮ ଲକ୍ଷ ୪୭ ହଜାର ୩୧୫ ଟଙ୍କାର ଏବଂ ପୁରୀ ଜିଲ୍ଲାରୁ ୬ କୋଟି ୬୬ ଲକ୍ଷ ୩୭ ହଜାର ୧୫୮ ଟଙ୍କା ମୂଲ୍ୟର ଡାଲି ଓ ତୈଳବୀଜ ସଂଗ୍ରହ

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ବିଜେପିର ଚିଠି

## କାର୍ଯ୍ୟାନୁଷ୍ଠାନ ନହେଲେ ଲୋକାୟୁକ୍ତ , ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ

ଭୁବନେଶ୍ୱର,୧୧।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟସାରା ବ୍ୟାପକ ଦୁର୍ନୀତି ହେଉଥିବାବେଳେ ରାଜ୍ୟସରକାର ନୀରବ ରହିଛନ୍ତି । ଏନେଇ ବିଜେପି ପକ୍ଷରୁ ପ୍ରମାଣ ସହ ବାରମ୍ବାର ଅଭିଯୋଗ ହୋଇଥିଲେ ବି ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସାରା ରାଜ୍ୟରେ ବିଜେଡିର ଏଜେଂଟ ମାନେ ପ୍ରତି ହିତାଧିକାରୀଙ୍କ ଠାରୁ ୧୦-୨୫ ହଜାର ଟଙ୍କାର ଲାଂଚ ନେଇ ଗରିବ ଖଟିକିଆ ଲୋକଙ୍କୁ ତାଲିକାଭୁକ୍ତ କରି ପୁଣି ଥରେ ସେମାନଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଏବଂ ବିଜେଡି ସମର୍ଥିତ ସରପଂଚମାନେ ଯୋଗ୍ୟ ହିତାଧିକାରୀଙ୍କ ଠାରୁ ଜୋର ଜବରଦସ୍ତି ଅର୍ଥ ଆଦାୟ କରିବା ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡିଛନ୍ତି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଗତ କିଛି ଦିନ ତଳେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅଫିସ ପଛପଟ ପଡିଆରେ ପିଏମଏୱାଇ ଆବେଦନ ପତ୍ର ଫୋପଡା ହେବା ଏବଂ କିଛି ଅଧା ପୋଡି ଯାଇଥିବା ଫର୍ମ ପଡିଥିବା ଘଟଣା କିଛି ଗଣମାଧ୍ୟମ ନଜରକୁ ଆସିଥିଲା । ସେହିପରି ବାଣପୁର ବ୍ଲକ ଭବାନୀପୁର ପଂଚାୟତ ସାହାସପୁର ଗାଁର ଜଣେ ବ୍ରାହ୍ମଣ ବିଧବା ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାପାଇଁ ସେହି ଗାଁର ସରପଂଚଙ୍କ ସ୍ୱାମୀ ୫ ହଜାର ଟଙ୍କା ଲାଂଚ ନେବା ପରେ ସରପଂଚଙ୍କ ଭାଇ ୧୦ ହଜାର ଟଙ୍କା ଜୋର ଜବରଦସ୍ତି ନେଇଥିଲା ।ଏଭଳି ଘଟଣା କେବଳ ଖୋର୍ଦ୍ଧା ଜିଲ୍ଲାରେ ନୁହେଁ ବରଂ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ସାଧାରଣ ଲୋକଙ୍କ ଅର୍ଥକୁ ବିଜେଡି ସରପଂଚ ଓ ନେତାମାନେ ହରିଲୁଟ ଏବଂ ଭ୍ରଷ୍ଟାଚାର କରୁଛନ୍ତି ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ବିରୁଦ୍ଧରେ ତଦନ୍ତ କରି ସଂପୃକ୍ତ ସରପଂଚଙ୍କୁ ନିଲମ୍ବନ କରିବା ସହ ଏହା ଭିଜିଲାନ୍ସ ତଦନ୍ତ କରନ୍ତୁ । ଚିଲିକା ବ୍ଲକ ପଛପଟେ ଫୋପଡା ଯାଇଥିବା ପିଏମୱାଇ ଆବେଦନ ପତ୍ର ପଛରେ କାହାର ହାତ ରହିଛି ସେ ସମ୍ବନ୍ଧରେ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ହରିଚନ୍ଦନ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବୀ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ହୋଇଥିବା ଦୁର୍ନୀତିର ସଠିକ ତଦନ୍ତ ହେଲେ ଏଭଳି ହଜାର ହଜାର ଘଟଣା ସାମ୍ନାକୁ ଆସିବ ।ଆଗାମୀ ୭ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଏବାବଦରେ କୌଣସି ପଦକ୍ଷେପ ଗ୍ରହଣ ନକଲେ ବିଜେପି ଲୋକାୟୁକ୍ତ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି ।

# ବ୍ରାହ୍ମଣୀ ନଦୀରେ ବୁଡି ନାବାଳକ ମୃତ୍ୟୁ

ଧର୍ମଶାଳା,୧୧।୮ (ନି.ପ୍ର): ବ୍ରାହ୍ମଣୀ ନଦୀରେ ଅଘଟଣ । ନଦୀରେ ଗାଧୋଉଥିବା ସମୟରେ ଗଭୀର ପାଣିରେ ବୁଡି ଜଣେ ନାବାଳକଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାପଡିଛି । ଏଭଳି ଅଘଟଣ ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ଗ୍ରାମ ବ୍ରାହ୍ମଣୀ ନଦୀରେ । ମୃତ ନାବାଳକ ଜଣକ ହେଲେ ଚାନ୍ଦପୁର ଗ୍ରାମର ଆଜିମ ବକ୍ସଙ୍କ ପୁଅ ଅକ୍ତର(୧୨)ବୋଲି ଜଣାପଡିଛି । ସୂଚନା ମୁତାବକ ଆଜି ଦିନ ୧ଟା ସମୟରେ ଏହି ଚାନ୍ଦପୁର ଗ୍ରାମର ଆଜିମଙ୍କ ପୁଅ ଅକ୍ତର ନଦୀରେ ଗାଧୋଉଥିଲେ । ଅସଦାବଧାନତା ହେତୁ ନଦୀରେ ତାଙ୍କର ଗୋଡ ଖସି ଯାଇଥିଲା । ଫଳରେ ଗଭୀର ପାଣିରେ ସେ ବୁଡି ଯାଇଥିଲେ । ନିକଟରେ ସ୍ଥାନୀୟ ଲୋକେ ଏହା ଦେଖି ନଦୀରେ ବହୁ ଖୋଜାଖୋଜି କରିଥିଲେ । ଶେଷରେ ରସୁଲପୁର ଅଗ୍ନୀଶମ ବିଭଗ ଘଟଣାସ୍ଥଳରେ ପଂହଚି ଖୋଜାଖୋଜି କରିଥିଲେ । ଦୀର୍ଘ ୪ ଘଂଟା ପରିଶ୍ରମ କରି ଅକ୍ତରଙ୍କୁ ପାଣିରୁ ଉଦ୍ଧାର କରିପାରି ନ ଥିଲେ । ଶେଷରେ ସ୍ଥାନୀୟ ଲୋକେ ନଦୀ ପାଣିରେ ଜାଲ ପକାଇଥିଲେ । ଚାନ୍ଦପୁର ନିକଟସ୍ଥ ବ୍ରାହ୍ମଣୀ ସେତୁ ଖୁଂଟ ନିକଟରୁ ଜାଲରେ ତାଙ୍କୁ ଉଦ୍ଧାର କରିଥିଲେ । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ଖବର ପାଇ ବ୍ରହ୍ମବରଦା ପୁଲିସ ମୃତ ଦେହକୁ ଜବତ କରି ୨୧।୨୦ରେ ଏକ ଅପମୃତ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି । ତେବେ ଏହି ମୃତ୍ୟୁ ଗଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ନୂଆପଡା,୧୧।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଅଗ୍ରସେନ ଭବନଠାରେ ସ୍ୱଦେଶୀ ଜାଗରଣ ମଂଚ ଖଡିଆଳ ପକ୍ଷରୁ କ୍ରାନ୍ତି ଦିବସ ଭାରତ ଛାଡ ଆନ୍ଦୋଳନର ୭୮ ବର୍ଷ ପୂର୍ତ୍ତୀ ଅବସରରେ ଚାଇନା କମ୍ପାନୀ ଭାରତ ଛାଡ ସ୍ୱଦେଶୀ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ମଂଚର ଜିଲ୍ଲା ସହ ସଂଯୋଜକ ଭାନୁଚନ୍ଦ୍ର ସୁନାନୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଡିଆଳ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ବିଜୟ କୁମାର ବାରିକ ଚାଇନା ବସ୍ତୁ ସମ୍ପୂର୍ଣ୍ଣ ବର୍ଜନ କରି ସ୍ୱଦେଶୀ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖୁଦପେଜ ପଂଚାୟତର ସରପଂଚ ଗିରିଶ ଚନ୍ଦ୍ର ବାରିକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମାର୍ଗ ପ୍ରମୁଖ ଜନାର୍ଦ୍ଦନ ପାତ୍ର, ଜିଲା ବ୍ୟବସ୍ଥା ପ୍ରମୁଖ ରତ୍ନାକର ସାହୁ, ଖଣ୍ଡ ଶାରୀରିକ ପ୍ରମୁଖ ସୁରେଶ ହଟୁଆର, ମ ର ସଦସ୍ୟ ବୈଷ୍ଣବ ସୁନାନୀ, ବୃନ୍ଦାବନ ପ୍ରଧାନ ପ୍ରମୁଖ ଯୋଗଦେଇ ଚୀନ ବସ୍ତୁ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ: ଚିଲିକା ଡ଼ିଏଫଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଖୋର୍ଦ୍ଧା/ଟାଙ୍ଗି,୧୧।୮ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଚିଲିକା ବନ୍ୟପ୍ରାଣୀ ଉପଖଣ୍ଡର ଡ଼ିଏଫଓ ଆଲୋକ ରଞ୍ଜନ ହୋତାଙ୍କ ଭୁବନେଶ୍ୱର ଡୁମୁଡୁମା ସ୍ଥିତ ଆବାସିକ ବାସଭବନ, ବାଲୁଗାଁସ୍ଥିତ କାର୍ଯ୍ୟାଳୟ ସମେତ ମୋଟ୍ ୫ଟି ସ୍ଥାନରେ ଆଜି ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ସେହିପରି ତାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖର ପୁର ସ୍ଥିତ କୋଠା, ତାଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅନ୍ତର୍ଗତ ଚାଷୀଖଣ୍ଡ ଗ୍ରାମରେ ଥିବା ପୈତୃକ ଘର, ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ଥିବା ସମ୍ପର୍କିୟଙ୍କ ଘରେ ବିଭାଗୀୟ ଅଧିକାରୀ ମାନେ ଚଢ଼ଉ ଜାରୀ ରଖିଛନ୍ତି । ଚଢ଼ଉ ସମୟରେ ବ୍ୟାଙ୍କ ପାସ୍ ବୁକ୍, ବ୍ୟାଙ୍କ୍ ଲକର୍, ସୁନା, ନଗଦ ଟଙ୍କା ଓ ଦାମୀ ଗାଡି ମିଳିଥିବା ସୂଚନା ମିଳିଛି । ତେବେ ଶେଷ ଖବର ସୁଦ୍ଧା ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ପ୍ରକାଶ ଥାଉ କି, ଗତ ନଭେମ୍ବର ମାସରେ ସେ ଚିଲିକା ବନ୍ୟପ୍ରାଣୀ ବିଭାଗର ଡ଼ିଏଫଓ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ଏହା ପୂର୍ବରୁ ସେ ଚନ୍ଦକା ଡ଼ିଏଫଓ ଭାବେ କାର୍ଯ୍ୟ କରିଥିଲେ ।

# ମଙ୍ଗୁଲି ଗ୍ରାମର ସଂଯୋଗ ରାସ୍ତା ଶୋଚନୀୟ: ମରାମତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି

ଭଦ୍ରକ, ୧୧/୮(ହି.ସ.) - ସରକାର ସର୍ବାଗ୍ରେ ଗ୍ରାମଂଚଳ ରେ ବସବାସ କରୁଥିବା ବ୍ୟକ୍ତିଙ୍କର ଯାତାୟତର ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରିବାର ଯୋଜନା କରିଛନ୍ତି । ହେଲେ ବନ୍ତ ବ୍ଲକ ଛୟାଳସିଂ ପଂଚାୟତ ମଙ୍ଗୁଲି ଗ୍ରାମର ବ୍ରାହ୍ମଣ ସାହି ଠାରୁ ଆର.ଡି.ରୋଡ୍ ଏବଂ ବ୍ରାହ୍ମଣ ସାହି ଠାରୁ ପି.ଏମ.ଜି.ଏସ୍.ୱାଇ. ରାସ୍ତା ର ମରାମତି ଅଭାବରୁ ଏବେ ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡିଛି । ରାସ୍ତାରେ ପାଣି ଜମି ରହିବା ଫଳରେ ପିଲା ମାନଙ୍କୁ ଠାରୁ ଗ୍ରାମବାସୀ ବୃଦ୍ଧ ବୃଦ୍ଧା ମାନେ ଯାତାୟତରେ ନାନା ସମସ୍ୟାରେ ସମ୍ମୁଖିନ ହେଉଥିବାର ଅଭିଯୋଗ କରୁଛନ୍ତି । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ଗ୍ରାମ ମଧ୍ୟକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡିଟିଏ ଆସିବାରେ ନାନା ସମସ୍ୟା ଦେଖାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ବିଭିନ୍ନ ଜରୁରୀ କାର୍ଯ୍ୟରେ ଲୋକମାନେ ଏହି ରାସ୍ତା ଦେଇ ବ୍ଲକ ସଦର ମହକୁମା କିମ୍ବା ଜିଲା ମହକୁମାକୁ ଯାତାୟତ କରିପାରୁନାହାନ୍ତି । ବହୁ ବର୍ଷ ହେବ ଉକ୍ତ ରାସ୍ତା ମରାମତି ହୋଇନଥିବାରୁ ଏହା ଏବେ ସେଥିରେ ଖାଲକମାରେ ପରିଣତ ହୋଇ ବର୍ଷାଜଳ ଜମିରହୁଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ମାସ୍କ ଚେକିଙ୍ଗ ଜୋରଦାର : ୪ ହଜାର ଫାଇନ ଆଦାୟ

ଭୁବନ,୧୧।୮ (ନି.ପ୍ର): ଭୁବନରେ କରୋନା ସଂକ୍ରମିତ ଙ୍କ ସଂଖ୍ୟା ରେକର୍ଡ ଛୁଇଁଥିବାରୁ ପ୍ରଶାସନ ତରଫରୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କାସ୍କ ଚେକିଙ୍ଗ କରାଯାଇଥିଲା । ବିଡିଓ ଆଶୀର୍ବାଦ ପରିଡା,ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି , ଭୁବନ ଥାନା ଆଇଆଇସି ଜିତେନ୍ଦ୍ର କୁମାର ସାହୁ,ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ,ପ୍ରଭାତ କୁମାର ନାୟକ ବସଷ୍ଟାଣ୍ଡ ଏବଂ କାଳୀବଜାର ଠାରେ ମାସ୍କ ପିନ୍ଧିନଥିବା ଲୋକଙ୍କୁ ଅଟକାଇ ମାସ୍କ ପିନ୍ଧିବାକୁ ପ୍ରବର୍ତ୍ତାଉଥିଲେ ଏବଂ ନିହାତି ଆବଶ୍ୟକ ନଥିଲେ ବିନା କାରଣରେ ଘରୁ ପଦାକୁ ନବାହାରିବା ପାଇଁ ହାତଯୋଡି ନିବେଦନ କରୁଥିଲେ । ତେବେ କେତେକ ଅମାନିଆ ବାଇକ ଆରୋହୀ ବିନା ମାସ୍କ ଓ ହେଲମେଟରେ ଘୁରି ବୁଲୁଥିବାରୁ ସେମାନଙ୍କ ଠାରୁ ସମୁଦାୟ ୪ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ କରାଯାଇଥିଲା ।

# ଫୁଲବାଣୀ ଏବଂ ଅନ୍ୟାନ୍ୟ ଲ୍ୟାମ୍ପସ ପକ୍ଷରୁ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ନିମନ୍ତେ ଡ଼ାକବାଜୀ ଜନ୍ତ୍ର ଦ୍ୱାରା ଘୋଷଣା

କନ୍ଧମାଳ,୧୧।୮ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀରେ ଥିବା ଲ୍ୟାମ୍ପସ୍‌ର ଶାଖା ପରିଚାଳକ ଭୀମସେନ ସାହୁଙ୍କ ସମେତ ଖଜୁରୀପଡ଼ା ବ୍ଲକ ଅର୍ନ୍ତଗତ ଦୁତୀମେଣ୍ଢୀ ଲ୍ୟାମ୍ପଶେସ୍‌ର ଶାଖା ପରିଚାଳକ ପ୍ରଦୀପ କୁମାର ସେଠୀଙ୍କ ପରିଚାଳନାରେ ଉଭୟ ଫୁଲବାଣୀ ଏବଂ ଖଜୁରିପଡା ବ୍ଲକ ଅଂଚଳରେ ଧାନ ଅମଳପରେ ବିକ୍ରି କରିବାପାଇଁ ଚାଷିମାନଙ୍କୁ ସେମାନଙ୍କର ନାମ ପଞ୍ଜିକରଣ କରାଇବାକୁ ଉଭୟ ଅଂଚଳରେ ଥିବା ଚାଷି ମାନଙ୍କର ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ଯୋଗେ ଏବଂ ପୋଷ୍ଟର ଲଗାଇ ପ୍ରଚାର କାର୍ଯ୍ୟ ଆରମ୍ଭ କରାଯାଇଛି । ଫୁଲବାଣୀର ସମସ୍ତ ୧୧ଟି ପଂଚାୟତ ସମେତ ବ୍ଲକ ସଦରମହକୁମାରେ ମଧ୍ୟ ଚାଷିମାନଙ୍କର ଅବଗତି ପାଇଁ ଯୋଗାଣ ନୀରିକ୍ଷକ ତିଳତମା ପ୍ରଧାନଙ୍କର ନିର୍ଦ୍ଦେଶରେ ଆଜିଠାରୁ ଏହି ପ୍ରଚାର କାର୍ଯ୍ୟ ଆରମ୍ଭ କରାଯାଇଛି । ଯାହା ଦ୍ୱାରା ଅଂଚଳର ଚାଷି ମାନେ ପୁର୍ବରୁ ସେମାନଙ୍କର ନାମ ପଞ୍ଜିକରଣ କରାଇନେବା ଦ୍ୱାରା ସେମାନଙ୍କର ଧାନ ଅମଳ ପରେ ସହଜରେ ଏବଂ ଶିଘ୍ର ସେମାନଙ୍କର ଧାନକୁ ଲ୍ୟାମ୍ପସରେ ସଠିକ ଦାମରେ ବିକ୍ରି କରିପାରିବେ । ସେହିପରି ଜିଲାର ଖଜୁରିପଡା ବ୍ଲକ ଅଂଚଳରେ ଥିବା ଆଜି ଦୁତୀମେଣ୍ଢି, ଦୁତୀପଡ଼ା, ପରୁକୁଡ଼ି, ଗୁଡାରୀ, ସୁଦ୍ରେଜୁ, ସୁଡ଼ୁକୁମ୍ପା, ବିଲାବାଡି,ବଲସକୁମ୍ପା, ଆଡାସିପଡ଼ା ଆଦି ପଂଚାୟତର ବିଭିନ୍ନ ଅଂଚଳରେ ଥିବା ଚାଷୀମାନଙ୍କ ପାଖକୁ ଯାଇ ଧାନ (ଖରିଫ ଫସଲ) ସଂଗ୍ରହ ନିମନ୍ତେ ଆଗୁଆ ଚାଷୀ ପଞ୍ଜିକରଣ କରିବା ପାଇଁ ଖଜୁରିପଡା ଶାଖାର ପରିଚାଳକ ପ୍ରଦୀପ କୁମାର ସେଠୀଙ୍କ ପରିଚାଳନାରେ ଡ଼ାକବାଜୀ ଜନ୍ତ୍ର ମାଧ୍ୟମରେ ଘୋଷଣା କରି ଚାଷି ମାନଙ୍କୁ ସୁଚନା ପ୍ରଦାନ କରାଯାଇଛି । ଏତଦ୍ ବ୍ୟତିତ ପୁର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ, ନୁତନ ଚାଷି ପଞ୍ଜିକରଣ, ପଞ୍ଜିକୃତ ତଥ୍ୟ ବାବଦରେ ଆପତି ଗ୍ରହଣ,ଚାଷି ମାନଙ୍କ ଦାୟିତ୍ୱ ସମନ୍ଧରେ ଅବଗତ କରାଯାଇଛି । ପ୍ରତ୍ୟେକ ପଂଚାୟତ ଗୁଡିକରେ ଫ୍ଲେକ୍ସ ମଧ୍ୟ ଲଗାଯିବା ସହିତ ଲୋକଙ୍କୁ ଏହି ବାବଦରେ ସଚେତନ କରାଯାଇଛି । ଯାହା ଦ୍ୱାରା ଚାଷିଟିଏ ଧାନ ଅମଳ କରି ଧାନର ଉଚିତ ମୁଲ୍ୟ ପାଇପାରିବ ସେଥିପାଇଁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ସମ୍ବନ୍ଧରେ ଜଣାଇବା ସହିତ କରୋନା ମହାମାରୀ ସମ୍ବନ୍ଧରେ ମଧ ସତର୍କ ଓ ସଚେତନ କରିଛନ୍ତି ।

# ବିଧାୟକଙ୍କ ଦ୍ୱାରା ମା ଗୃହ ଉଦ୍‌ଘାଟିତ

ନୂଆପଡା,୧୧।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ପୁରୁଣା ଡାକ୍ତରଖାନା ପରିସର ମଧ୍ୟରେ ଖଡିଆଳ ସ୍ଥିତ ୟାର ଅନୁଷ୍ଠାନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଉଦ୍ୟମରେ ଗର୍ଭବତୀ ମା ମାନଙ୍କ ପାଇଁ ମା ଗୃହର ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଏହି ଗୃହକୁ ଫିତା କାଟି ଶୁଭ ଉଦ୍‌ଘାଟନ କରିଥିଲେ । ଏଥିରେ ନୂଆପଡା ଏଡିପିଏଚଓ ଡ. ରଥ ବାବୁ ଏବଂ ଡ. ମହେନ୍ଦ୍ର ମାଝୀ ପ୍ରମୁଖ ସମ୍ମାନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ୟାର ଅନୁଷ୍ଠାନର ସଭାପତି ମହେନ୍ଦ୍ର ଯୋଶୀ ଏବଂ ସମ୍ପାଦକ ହରିଦାସ ପଟେଲ ପରିଚାଳନା କରିଥିଲେ । ଏହି ଗୃହର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗର୍ଭବତୀ ଏବଂ ତାଙ୍କର ଜଣେ ସହାୟିକାଙ୍କୁ ମାଗଣାରେ ୭ ରୁ ୧୦ ଦିନ ପର୍ଯ୍ୟନ୍ତ ରହିବା ଓ ଖାଇବା ବ୍ୟବସ୍ଥା, ଘରୁ ମାଁ ଗୃହ ପର୍ଯ୍ୟନ୍ତ ଯାତାୟତର ବ୍ୟବସ୍ଥା, ଅଭିଜ୍ଞ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଅଛି । ଏହି କାଯ୍ୟକ୍ରମକୁ ପରିଚାଳନା ସକାଶେ ଜଣେ ସ୍ୱାସ୍ଥ୍ୟକର୍ମୀ, ୩ ଜଣ ସ୍ୱାସ୍ଥ୍ୟ ସହାୟିକା ଏବଂ ଜଣେ ରୋଷେୟା ନିଯୁକ୍ତି କରାଯାଇଥିବା ସୂଚନା ମିଳିଛି ।

# ଉଦ୍ଧାର ହେଲା ହଳଦୀ ରଙ୍ଗର କଇଁଛ

ଭଦ୍ରକ, ୧୧/୮ (ହି.ସ.) - ଭଦ୍ରକ ଜିଲ୍ଲା ଚାନ୍ଦବାଲି ବନଖଣ୍ଡ ବେନ୍ତାଳପୁର ଗ୍ରାମର ଚାଷଜମିରୁ ଏକ ହଳଦୀ ରଙ୍ଗର କଇଁଛ ଉଦ୍ଧାର କରାଯାଇଛି । ଚାଷୀ ନିରାକାର ମହାନ୍ତି ଜମିରେ ହଳ କରୁଥିବା ବେଳେ ଉକ୍ତ କଇଁଛଟିକୁ ଦେଖିବାକୁ ପାଇଥିଲେ । ପରେ ଏହାକୁ ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । ଏହି କଇଁଛ ଦେଖିବାକୁ ଗ୍ରାମବାସୀ ବେଶ୍ ଭିଡ କରିଥିଲେ । ଅନ୍ୟପକ୍ଷରେ ରେଞ୍ଜର ସୁବାସ ନାୟକ ଉକ୍ତ କଇଁଛକୁ ନେଇ ଭିତରକନିକା ଜଙ୍ଗଲରେ ଛଡା ଯିବ ବୋଲି କହିଛନ୍ତି ।

# ଆକ୍ସନ ମୁଡରେ ଆରଏମସି : ବେଆଇନ ନିର୍ମାଣ ବନ୍ଦ ଲାଗି ନୋଟିସ୍ ହେଲା

ରାଉରକେଲା,୧୧।୮ (ନି.ପ୍ର): ଆକ୍ସନ ମୁଡରେ ବର୍ତମାନ ରାଉରକେଲା ମହାନଗର ନିଗମ (ଆରଏମସି) । କୋଭିଡ୍ ପରିଚାଳନା ସାଙ୍ଗକୁ କାର୍ଯ୍ୟାଳୟର ବିଭିନ୍ନ ବିଭାଗ କେମିତି ଲୋକଙ୍କୁ ସେବା ଯୋଗାଇଦେଇପାରିବ ସେନେଇ ଖୋଦ୍ କମିଶନର ତଦାରଖ କରୁଥିବା ବିଷୟ ଏକ ଉଦାହରଣରୁ ଜଣାପଡିଛି । ତାହା ଘଟିଛି ଛେଣ୍ଡ କଲୋନୀରେ । ସହରରେ ନିଜସ୍ୱ ଜାଗାରେ ଗୃହ ନିର୍ମାଣ ବେଳେ ଆରଏମସି ନିୟମକୁ ଉଲ୍ଲଙ୍ଘନ କରି ମନଇଚ୍ଛା ଘର ତିଆରି କରୁଥିବା ନେଇ ଏକ ଅଭିଯୋଗ ହେବାପରେ ଆରଏମସି ଆକ୍ସନ ମୁଡରେ ଆସିଥିବା ଦେଖାଯାଇଛି । ଫଳରେ ସହରରେ ଆରଏମସିର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଗତ ମାସ ୨୦ତାରିଖରେ ଛେଣ୍ଡ କଳିଙ୍ଗବିହାର ଅଂଚଳରେ ଏମଆଇଜି ୨୦ ରେ ଗୃହ ନିର୍ମାଣ ବେଳେ ମନଇଚ୍ଛା ନିର୍ମାଣ ସାଙ୍ଗକୁ ପଛପାଖ ଘର ବାଲାଙ୍କର ପ୍ରାଇଭେସି ଉପରେ ଆଂଚ ଅଣାଯାଉଥିବାର ଏକ ଅଭିଯୋଗ ହୋଇଥିଲା । ତେବେ ତୁରନ୍ତ ଆରଏମସି ସେ ଜାଗାରେ ପହଁଚି ଗୃହ କର୍ତାଙ୍କୁ ଅଫିସ ଆସି ସମସ୍ତ କାଗଜ ପତ୍ର ଦେଖାଇବାକୁ କୁହାଯାଥିଲା । ତେବେ ନିର୍ମାଣ କାମ ଯାହା ହୋଇଛି ତାହା ଅନୁମୋଦିତ ପ୍ଲାନରୁ ଅଧିକ ହୋଇଥିବା ବିଷୟ ଆରଏମସି ଜାଣିବାକୁ ପାଇଥିଲା ବୋଲି ଖବର ମିଳିଛି । ତେବେ ଏନେଇ ସମ୍ପୃକ୍ତ ଗୃହ ମାଲିକ କୌଣସି ସନ୍ତୋଷଜନକ ଉତର ରଖିନପାରିବାରୁ ଆରଏମସି କମିଶନର ସମସ୍ତ ତଥ୍ୟକୁ ଆଧାର କରି ଚଳିତ ମାସ ୬ ତାରିଖରେ ଚିଠି ନମ୍ବର ୮୭୨୪ ଅନୁଯାଇ ସେ ଜାଗାରେ କାର୍ଯ୍ୟ ବନ୍ଦ ଲାଗି ନୋଟିସ୍ କରିବା ସହ ସେହି ଜାଗାକୁ ଠିକାଦାର ଅନ୍ୟ କେହି ନଯିବାଲାଗି କହିଛନ୍ତି । ଏହି ନୋଟିସ ସଂପୃକ୍ତ ବ୍ୟକ୍ତିଙ୍କ ସେହି ନିର୍ମାଣଧୀନ ଘରର କାନ୍ଥରେ ଲଗାଯାଇଥିବା ଜଣାପଡିଛି । ଏନେଇ ଛେଣ୍ଡ ପୁଲିସକୁ ଜଣାଜିବା ସହ ସେହି ଜାଗା ଉପରେ ନଜର ରଖିବା ଲାଗି ଅନୁରୋଧ କରାଯାଇଥିବା ନେଇ ନୋଟିସରୁ ଜଣାପଡିଛି ।ଏ ସମ୍ପର୍କରେ ଆରଡିଏ, ସଂପୃକ୍ତ ଅଂଚଳର ଅମିନଙ୍କୁ ମଧ ଅବଗତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କୁହାଯାଇଛି । ରାଉରକେଲା ସହରରେ ଏହିଭଳି ଅନେକ କୋଠା ନିର୍ମାଣ ଚାଲୁଥିବା ବେଳେ ଘରମାଲିକ ମାନଙ୍କୁ ସମ୍ପୃକ୍ତ ଠିକାଦାର ମାନେ ନାନା ଫର୍ମୁଲା ଦେଖାଇ ଏଭଳି ବେଆଇନ କାମ କରାଉଥିବାର ଖବର ମିଳିଛି । ଯାହାଦ୍ୱାରା ଗୃହ ମାଲିକ ଅନ୍ଧାର ଭିତରେ ରହି ଅନେକ ଭୁଲ୍ କାମ ଅଜାଣତରେ କରୁଛନ୍ତି ଯାହା ସମସ୍ତଙ୍କ ଲାଗି ସମସ୍ୟାର କାରଣ ହେଉଛି । ତେଣୁ ଏଭଳି କାମରେ ଠିକାଦାର ମାନଙ୍କୁ ଯଦି କାଠଗଡାକୁ ଅଣା ଯାଇପାରିବ ତେବେ କିଛିଟା ପରିବର୍ତନ ହେବ । ଲୋକେ ଅଧିକ ସଚେତନ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଏଭଳି ବେଆଇନ ନିର୍ମାଣ ଚାଲିଥିବା ନେଇ କମିଶନର ଦିବ୍ୟଜ୍ୟୋତି ପରିଡା ତାଙ୍କ ଗୁଇନ୍ଦା ଲଗାଇ କୁଆଡେ ଅନେକ ଖବର ପାଇଥିଲେ । ପରେ ସେହି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଏ ଦିଗରେ କାମ କରିବାକୁ କହିଥିଲେ । ତେବେ ମହାନଗର ନିଗମରେ କର୍ମଚାରୀ ସଂଖ୍ୟା ସେତେ ଅଧିକ ନଥିବା ସତ୍ୱେ ମଧ ଯଥା ସମ୍ଭବ ଲୋକଙ୍କୁ ସେବା ଦେବା ଲାଗି ଉଦ୍ୟମ ହେଉଛି । ଏସବୁ ଦିଗରେ ଖୋଦ୍ ସହର ବାସୀ ସଚେତନ ହୋଇ ଆରଏମସିକୁ ସହଯାଗ କଲେ ରାଉରକେଲା ସହରକୁ ସ୍ୱଚ୍ଛ, ସୁନ୍ଦର ସହର କରିବା ନେଇ ଯେଉଁ କାମ ଚାଲିଛି ତାହା ସଫଳ ହେବା ନେଇ ସହଜ ହେବ ବୋଲି କୁହାଯାଇଛି ।

# ୭ ଜଣ ପ୍ରସିଦ୍ଧ ଶିଳ୍ପୀ ପାଇଲେ ଧର୍ମପଦ ପୁରସ୍କାର: ଘରେ ପହଂଚି ସମ୍ମାନିତ କଲେ ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୧୧।୮ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଚିତ୍ରକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ ୭ ଜଣ ବରିଷ୍ଠ ଶିଳ୍ପୀଙ୍କୁ ସର୍ବୋଚ୍ଚ ପୁରସ୍କାର 'ଧର୍ମପଦ' ପୁରସ୍କାର ପ୍ରଦାନ କରାଯାଇଛି । ଏହି ଶିଳ୍ପୀମାନଙ୍କର ଜୀବନବ୍ୟାପୀ ସାଧନା ଓ ରାଜ୍ୟର କଳାକ୍ଷେତ୍ରକୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୁରସ୍କୃତ ଶିଳ୍ପୀମାନଙ୍କ ବାସଭବନକୁ ଯାଇ ବ୍ୟକ୍ତିଗତ ଭାବରେ ସମ୍ମାନିତ କରିଥିଲେ । ପ୍ରତି ଶିଳ୍ପୀଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ତାମ୍ର ଫଳକ ଓ ଉପଢୌକନ ପ୍ରଦାନ କରାଯାଇଥିଲା । ୨୦୦୯ ମସିହା ପାଇଁ ଗୋକୁଳୀ ବିହାରୀ ପଟ୍ଟନାୟକ, ୨୦୧୦ ପାଇଁ ଅସୀମ ବସୁ, ୨୦୧୧ ପାଇଁ ଡ.ଦୁର୍ଗାପ୍ରସାଦ ଦାସ, ୨୦୧୨ ପାଇଁ ପଦ୍ମଶ୍ରୀ ସୁଦର୍ଶନ ସାହୁ, ୨୦୧୩ ପାଇଁ ପଦ୍ମଭୂଷଣ ଯତୀନ ଦାସ, ୨୦୧୪ ପାଇଁ ଦିନନାଥ ପାଠୀ, ୨୦୧୫ ପାଇଁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କୁ ଧର୍ମପଦ ପୁରସ୍କାର ପ୍ରଦାନ କରାଯାଇଛି । ଗୋକୁଳୀ ବିହାରୀ ପଟ୍ଟନାୟକ, ଅସୀମ ବସୁ ଓ ଦିନନାଥ ପାଠୀଙ୍କୁ ଏହା ମରଣୋତର ଭାବେ ଏହି ପୁରଂସ୍କାର ପ୍ରଦାନ କରାଯାଇଛି । ସ୍ୱର୍ଗତ ପଟ୍ଟନାୟକଙ୍କ ପତ୍ନୀ ଅନସୂୟା ପଟ୍ଟନାୟକ, ସ୍ୱର୍ଗତ ବସୁଙ୍କ ପତ୍ନୀ ଗୀତା ବସୁ ଓ ସ୍ୱର୍ଗତ ପାଠୀଙ୍କ ପୁତ୍ର ସୌଭାଗ୍ୟ କୁମାର ପାଠୀ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଅନ୍ୟପକ୍ଷରେ, ଡ. ଯତୀନ ଦାସ ଦିଲ୍ଲୀରେ ଅବସ୍ଥାନ କରୁଥିବା ଦୃଷ୍ଟିରୁ ଏବଂ କୋଭିଡ୍ କଟକଣା ଯୋଗୁଁ ଭୁବନେଶ୍ୱରରେ ଉପସ୍ଥିତ ହୋଇପାରି ନଥିଲେ । ତେଣୁ ଲଳିତ କଳା ଏକାଡେମୀର ପ୍ରତିନିଧି ନୂଆଦିଲ୍ଲୀ ଯାଇ ତାଙ୍କୁ ସମ୍ମାନିତ କରିବେ । ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ଏକାଡେମୀ ସଚିବ ଶିଳ୍ପୀ ଶ୍ରୀ ଗଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

# ସାଲୱାର ସୁଟ୍ ଡିଜାଇନ୍ସ







ମହିଳାମାନଙ୍କ ପାଖରେ ଯେତେ ପ୍ରକାରର ୱେଷ୍ଟର୍ଣ୍ଣ ଡ୍ରେସେସ୍ ଥିଲେ ବି ଫ୍ୟାମେଲି ଫଙ୍କ୍ସନ୍, ଫେଷ୍ଟିଭାଲ ସିଜିନ୍ ବା ଗେଟ୍-ଟୁଗେଦରରେ ସେମାନେ ଅଧିକାଂଶ ସମୟରେ ଭାରତୀୟ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି । ଏହି ପ୍ରକାର ଡ୍ରେସ୍ ସେମାନଙ୍କୁ ଏଲିଗାଣ୍ଟ୍ ଓ ଗ୍ରେସ୍‌ଫୁଲ୍ ଲୁକ୍ ଦେଇଥାଏ । ସେମିତି ଦେଖିବାକୁ ଗଲେ ଭାରତୀୟ ଷ୍ଟାଇଲ୍‌ର କେତେ ପ୍ରକାରର ଡିଜାଇନ୍ ଡ୍ରେସ୍ ରହିଛି । କିନ୍ତୁ ଏହିସବୁ ଡ୍ରେସ୍ ମଧ୍ୟରେ ସାଲ୍‌ୱାର ସୁଟ୍ ସବୁଠାରୁ ବେଷ୍ଟ ଅପ୍‌ସନ୍ । ସୁଟ୍‌କୁ କୌଣସି ବୟସର ମହିଳାମାନେ ପିନ୍ଧିପାରିବେ । ଏମିତି ଅନେକ ମହିଳା ଅଛନ୍ତି ଯେଉଁମାନଙ୍କୁ ଶାଢ଼ି ପିନ୍ଧି କାମ କରିବାକୁ ଅସୁବିଧା ହୋଇଥାଏ କିମ୍ବା ଶାଢ଼ି ପିନ୍ଧିବାକୁ ସେମାନେ ପସନ୍ଦ କରନ୍ତି ନାହିଁ । ଏପରିସ୍ଥଳେ ସେମାନେ ସୁଟ୍ ପିନ୍ଧିପାରିବେ । ସେଥିପାଇଁ ଫେଷ୍ଟିଭାଲ ସିଜିନ୍ ଓ ଅନ୍ୟ ପାର୍ଟି ପାଇଁ ନିମ୍ନରେ କେତେକ ଡିଜାଇନ୍ ଦିଆଗଲା ।

**ଏମ୍ବ୍ରୋଏଡର୍ଡ ସାଲୱାର ସୁଟ୍:**

ଯଦି ଆପଣ ଧଳା ରଙ୍ଗ ପସନ୍ଦ କରୁଥାନ୍ତି ତେବେ କେତେକ ନିର୍ଦ୍ଦିଷ୍ଟ ଫ୍ୟାସନ ଲେବଲର ସୁଟ ପିନ୍ଧିପାରିବେ । କୁର୍ତ୍ତାରେ ମଲ୍ଟି କଲର ଥ୍ରେଡ ଥିବା ଫ୍ଲୋରାଲ ଏମ୍ବ୍ରୋଏଡୋରୀ ଥିଲେ ସୁନ୍ଦର ଦେଖାଯିବ । ଗରମ ବା ବର୍ଷାଦିନେ ପଡୁଥିବା ଫେଷ୍ଟିଭାଲ୍‌ରେ ଏହି ପ୍ରକାରର ସାଲୱାର ସୁଟ୍ ଆପଣଙ୍କ ପାଇଁ ଖୁବ୍ ବଢ଼ିଆ ହେବ ।

**ପିଙ୍କ୍ ସାଲୱାର ସୁଟ୍:**

ଫ୍ୟାସନ୍ ଡିଜାଇନର୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଅନେକ ପ୍ରକାରର କଟନ ସାଲୱାର ସୁଟ୍ ବଜାରରେ ମିଳିଯିବ । କିନ୍ତୁ ଫୁଲ୍ ଚାଇନିଜ କଲର ନେକଲାଇନ୍ ଥିବା କୁର୍ତ୍ତାରେ ସିଲଭର ରଙ୍ଗର ସୂତାରେ ତିଆରି ବିଭିନ୍ନ ଡିଜାଇନ ଯେପରି ପ୍ରଜାପତି, ଫୁଲ ଇତ୍ୟାଦି ଓ ତା' ସହିତ ନେଟ୍ ଫେବ୍ରିକ୍‌ର ଓଢ଼ଣି ସାଲୱାର ସୁଟ୍‌କୁ ଆହୁରି ସୁନ୍ଦର ଲୁକ୍ ଦେବ । କୁର୍ତ୍ତା, ଓଢ଼ଣି ଓ ପ୍ଲାଜୋରେ ଲେସ୍ ଡିଟେଲିଙ୍ଗ୍ ମଧ୍ୟ କରାଯାଇପାରିବ ।

**ଲେସ୍ ଡିଟେଲିଙ୍ଗ୍:**

ଆଜିକାଲି ଏହାର ଫ୍ୟାସନ ଅଧିକ । ୟେଲୋ କୁର୍ତ୍ତା ଓ ହ୍ୱାଇଟ୍ ପ୍ଲାଜୋ କିମ୍ବା ଏହିପରି ଅନ୍ୟ କମ୍ବିନେସନର ଲେସ୍ ଡିଟେଲିଙ୍ଗ ଥିବା ସାଲୱାର ଫେଷ୍ଟିଭ ସିଜିନ୍‌ରେ ପିନ୍ଧିଲେ ଆପଣଙ୍କୁ ଏକ ଭିନ୍ନ ଲୁକ୍ ଦେବ । ଏହି ପ୍ରକାରର କୁର୍ତ୍ତା ମ୍ୟାଚିଙ୍ଗ୍ ପ୍ଲାଜୋ କିମ୍ବା ସାଲୱାର ସୁଯ୍ ସହିତ ସେହି ରଙ୍ଗର ଓଢ଼ଣି ପେୟାର କରିପାରିବେ । ବନା ଓଢ଼ଣିରେ ମଧ୍ୟ ଏହିପରି ଡ୍ରେସ୍ ପିନ୍ଧିପାରିବେ ।

**ଗୋଟା ପଟ୍ଟି ୱାର୍କ:**

ଫେଷ୍ଟିଭ ସିଜିନ ବା ଅନ୍ୟ ପାର୍ଟି ପାଇଁ କିଛି ଚମକଦାର ଓ ହେଭି ଲୁକ୍ ଥିବା ସାଲୱାର ସୁଟ୍ ପିନ୍ଧିବାକୁ ଯଦି ଚାହୁଁଛନ୍ତି ତେବେ ଗୋଟା ପଟ୍ଟି ଡିଜାଇନ୍ ହୋଇଥିବା ସାଲୱାର ସୁଟ୍ ସହିତ ମ୍ୟାଚିଙ୍ଗ୍ ପୈଜାମୀ ଓ ଓଢ଼ଣି ପସନ୍ଦ କରନ୍ତୁ ।

**ମିରର୍ ୱାର୍କ:**

ମିରର୍ ୱାର୍କ ଥିବା ସାଲୱାର ସୁଟ୍ ମହିଳାମାନଙ୍କୁ ବ୍ରାଇଟ୍ ଲୁକ୍ ଦେବ । ଏହା ସହିତ ହାଲୁକା ମେକଅପ୍ ଓ କଲର ହେୟାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ସ୍କାଇ ବ୍ଲୁ ରଙ୍ଗର ସୁଟ୍ ସହିତ ମ୍ୟାଚିଙ୍ଗ୍ ଇଅରରିଙ୍ଗ୍ ଟିମଅପ୍ କରିପାରିବେ । ନାଚୁରାଲ ମେକଅପ୍ ଓ ହେୟାର ଷ୍ଟାଇଲକୁ ଓପନ ଲୁକ୍ ଦିଅନ୍ତୁ ।

# ଦେହକୁ ହିତ ଲାଉ ରସ

ପୌଷ୍ଟିକ ଓ ସ୍ୱାସ୍ଥ୍ୟବର୍ଦ୍ଧକ ପରିବାଗୁଡିକ ମଧ୍ୟରୁ ଲାଉ ଅନ୍ୟତମ । ଭାରତୀୟ ଗୃହିଣୀମାନେ ଏଥିରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିପାରନ୍ତି । ତେବେ ଅନେକଙ୍କୁ ଏହାର ସ୍ୱାଦ ଭଲ ଲାଗେ ନାହିଁ । ଯାହା ବି ହେଉ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଏହାକୁ ଖାଇବା ଉଚିତ୍ । ବିଶେଷ କରି ଏହାର ରସ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକାରୀ । ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବାର କ୍ଷମତା ଏହାର ରହିଛି । ଏଥିରେ ଭିଟାମିନ, ପୋଟାସିଅମ, ଲୌହ ଓ ଫାଇବର ପ୍ରଚୁର ମାତ୍ରାରେ ରହିଥାଏ । ତା' ସହିତ ଏହାର ଆଣ୍ଟି-ଅକ୍ସିଡେଣ୍ଟ ଗୁଣ ଶରୀର ପାଇଁ ଅତ୍ୟନ୍ତ ଉପାଦେୟ ।

**ଗୁଣ ଓ ଫାଇଦା**

୧. ଗ୍ରୀଷ୍ମଋତୁରେ ଲାଉ ରସ ଦେହ ପାଇଁ ଅତ୍ୟନ୍ତ ଉପକାରୀ । ଏହି ଋତୁରେ ବୃଦ୍ଧି ପାଉଥିବା ଶରୀରର ଉତ୍ତାପକୁ ଏହା କମ୍ କରେ ।

୨. ଅସ୍ୱାଭାବିକ ଓଜନ ବୃଦ୍ଧିକୁ ହ୍ରାସ କରିବା କ୍ଷେତ୍ରରେ ଏହା ଅମୋଘ ଅସ୍ତ୍ର । ଖାଲି ପେଟରେ ନିୟମିତ ଲାଉ ରସ ପିଇଲେ ଓଜନ ହ୍ରାସ ପାଏ ।

୩. ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏହା କୋଲେଷ୍ଟେରଲ ମାତ୍ରାକୁ ନିୟନ୍ତ୍ରଣ କରେ ଏବଂ ରକ୍ତଚାପ ବଢ଼ିବାକୁ ଦିଏ ନାହିଁ ।

୪. ରକ୍ତଚାପ ସ୍ୱାଭାବିକ ରହିବା ଦ୍ୱାରା ହୃଦୟ ମଧ୍ୟ ସୁସ୍ଥ ଓ ନୀରୋଗ ରହିଥାଏ ।

୫. ଗ୍ରୀଷ୍ମଋତୁରେ ପ୍ରଚୁର ଝାଳ ବାହାରୁ ଥିବାରୁ ଶରୀରର ଜଳୀୟ ଅଂଶ କମିଯାଏ । ଫଳରେ ପରିସ୍ରାପୋଡା ହୁଏ । ଲାଉ ରସ ନିୟମିତ ପିଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ଆଶଙ୍କା କମ୍ ହୁଏ ।

୬. ପରିସ୍ରାଜନିତ ସମସ୍ୟା ଦୂର ହେଉଥିବାରୁ ମୂତ୍ର ସଂକ୍ରମଣ ପରି ମାରାତ୍ମକ ରୋଗରୁ ରକ୍ଷା ମିଳେ ।

୭. ଏଥିରେ ଥିବା ଭିଟାମିନ୍-ସି, ଭିଟାମିନ୍ -କେ, କ୍ୟାଲସିଅମ ଓ ଆଣ୍ଟି ଅକ୍ସିଡେଣ୍ଟ ହୃଦ୍‌ଯନ୍ତ୍ରର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୁଏ ।

୮. କେଶ ଝଡୁ ଥିଲେ ବା ଅବେଳରେ ପାଚିଯାଉ ଥିଲେ ଲାଉ ରସ ପିଅନ୍ତୁ ଏବଂ ରାଶିତେଲ ସହ ମିଶାଇ ଏହାକୁ କେଶ ମୂଳରେ ପ୍ରତିଦିନ ଲଗାନ୍ତୁ ।

୯. ଲାଉ ରସ ତ୍ୱଚାରେ ଚମକ ବୃଦ୍ଧି କରିବା ସହ ବ୍ରଣ କମ୍ କରେ ।

୧୦. ଏହା ଅନିଦ୍ରା ସମସ୍ୟା ଦୂର କରେ ।



# ସିଙ୍ଗଡା



ଯିଏ ଯେତେ ସରଳ ହେବ, ତାକୁ ସମସ୍ତେ ସ୍ୱୀକାର କରିବେ ଏବଂ ସେ ସେହିପରି ବିସ୍ତୃତି ଲାଭ କରିପାରିବ । ଏହା ପ୍ରମାଣ କରିଛି ଲୋକପ୍ରିୟ ଖାଦ୍ୟ ସିଙ୍ଗଡା । ଏହାର ଇତିହାସ ଖୁବ୍ ପୁରୁଣା । ଇରାନ୍‌ରେ ପ୍ରଥମେ ଏହି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା ପାର୍ସୀ ଶବ୍ଦ 'ସିମ୍ବୋସାଗ୍'ରୁ ସମୋସା ହୋଇଛି । ଏକାଦଶ ଶତାବ୍ଦୀରେ ପାର୍ସୀ ଐତିହାସିକ ଅବୁ ଫାଜଲ ବେହାକି ପ୍ରଥମ ଥର ସମୋସା ବା ସିଙ୍ଗଡା ସମ୍ପର୍କରେ ଜଣାଇଥିଲେ । ଗଜନୀଙ୍କ ରାଜଦରବାରରେ ପ୍ରଦାନ କରାଯାଉଥିବା ଲୁଣିଆ ଖାଦ୍ୟ ପେଷ୍ଟ୍ରୀ ସମ୍ପର୍କରେ ସେ ଜଣାଇଥିଲେ ଯାହାର ରୂପ ଅବିକଳ ସିଙ୍ଗଡା ପରି ଥିଲା । ଅବଶ୍ୟ ଏଥିରେ ଆଳୁ ମଟର କିମ୍ବା ପନିର ପୁର ବଦଳରେ କିମା ଏବଂ ଡ୍ରାଏଫ୍ରୁଟ୍‌ସ ପୁର ଦିଆଯାଇଥିଲା । ସେ ଏହାକୁ ସମବୁଶକ ବା ସମବୁସ୍‌ଜ ବୋଲି କହିଥିଲେ । ପ୍ରାୟ ତ୍ରୟୋଦଶ- ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ମୁସଲିମ ବ୍ୟବସାୟୀମାନେ ଭାରତକୁ ସିଙ୍ଗଡା ନେଇ ଆସିଲେ । ଇବନ୍ ବତୁତା ପ୍ରଥମେ ଭାରତରେ ହିଁ ସିଙ୍ଗଡା ଖାଇ ନିଜ ରଚନାରେ ଏହାକୁ ଉଲ୍ଲେଖ କରିଥିଲେ । ଅମୀର ଖୁସ୍ରୋଙ୍କ ରଚନାରେ ମଧ୍ୟ ସିଙ୍ଗଡା ଉଲ୍ଲେଖ ଅଛି । ପ ର୍ଗୀଜମାନେ ଭାରତ ଆସିବା ବେଳେ ଆଳୁ ଆଣିଥିଲେ ଏବଂ ସେବେଠାରୁ ସିଙ୍ଗଡାରେ ଆଳୁ ପୁର ଦିଆଗଲା ବୋଲି ଐତହାସିକମାନେ କହନ୍ତି ।

# ପାହାଡ଼ କାଟିଲେ ଶତାଧିକ ପ୍ରବାସୀ



ଲକ୍‌ଡାଉନ୍ କିଛି ଲୋକଙ୍କ ପାଇଁ ବରଦାନ ହୋଇଛି । ସେମାନେ ଏହି ସମୟର ସଦୁପଯୋଗ କରିଛନ୍ତି । ଛତରପୁର ଜିଲ୍ଲାର ବଡ଼ମାଲେହାରା ବ୍ଲକ୍‌ର ଆଗ୍ରୋଥା ଗାଁର ୧୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ସ୍ଥାନୀୟ ବାସିନ୍ଦାଙ୍କ ସହିତ ମିଶି ଏକ ପୋଖରୀ ପାଣି ଭର୍ତ୍ତି କରିବା ପାଇଁ ୧୦୦ ଏକରରେ ବିସ୍ତୃତ ପାହାଡ଼କୁ କାଟିଛନ୍ତି । ଏହି ମହତ ଉଦ୍ୟମ ମରୁଡି ପ୍ରପୀଡ଼ିତ ବୁନ୍ଦେଲଖଣ୍ଡ ଅଞ୍ଚଳର ୫ ହଜାର ଗ୍ରାମବାସୀଙ୍କ ପାଇଁ ବରଦାନ ସଦୃଶ ହେବ । ୧୦ ବର୍ଷ ପୂର୍ବେ ୧୦ କୋଟି ଟଙ୍କା ବ୍ୟୟରେ ବୁନ୍ଦେଲଖଣ୍ଡ ପ୍ରକଳ୍ପ ଅନ୍ତର୍ଗତ ପୋଖରୀର ମହାମତି ହୋଇଥିଲା । ଜଳ ସଂରକ୍ଷଣ ପାଇଁ ଦୁଇ ପାର୍ଶ୍ୱରେ ହିଡ଼ ବି କରାଯାଇଥିଲା । ତେବେ ପାହାଡ଼ିଆ ଜଙ୍ଗଲ ଅଞ୍ଚଳ ଦେଇ ବର୍ଷା ଜଳ ଆସୁଥିବାରୁ ପୋଖରୀଟି କଦାପି ଜଳପୂର୍ଣ୍ଣ ହୋଇପାରୁନଥିଲା । ଏହାକୁ ଦୃଷ୍ଟିରେ ରଖି ଗାଁର ପାଣି ପଞ୍ଚାୟତ ସମିତି ଲକ୍‌ଡାଉନ୍ ଅବଧିରେ ସମସ୍ୟାର ସମାଧାନ କରିବାକୁ ନିଷ୍ପତ୍ତି ନେଲା । ଗାଁକୁ ଫେରିଥିବା ଶତାଧିକ ପ୍ରବାସୀ ଶ୍ରମିକ ଗତ ଏପ୍ରିଲ ମାସରେ କାମରେ ହାତ ବଢ଼ାଇଲେ । ପୋଖରୀ ପଛରେ ଥିବା ଏକ ପର୍ବତ ଜଳ ପ୍ରବାହରେ ବାଧା ଉତ୍ପନ୍ନ କରୁଥିଲା । ତେଣୁ ଏହାକୁ କାଟିବାକୁ ସମସ୍ତେ ଅଣ୍ଟା ଭିଡ଼ିଲେ । ସେମାନେ ପୂର୍ଣ୍ଣପ୍ରାଣରେ କାମରେ ଲାଗିପଡ଼ିଲେ । କେତେକାଂଶରେ ପଥର କଟା ମେସିନ୍ ମଧ୍ୟ ବ୍ୟବହାର କରିବାକୁ ପଡ଼ିଲା । ବଡ଼ମାଲେହାରା ଜନପଦ ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ସିଂହ ଗ୍ରାମବାସୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ଏହି ବ୍ଲକ୍‌କୁ ଫେରିଥିବା ପ୍ରାୟ ୧୫୦୦ ପ୍ରବାସୀ ଶ୍ରମିକଙ୍କୁ ଜଳ ସଂରକ୍ଷଣ କାମରେ ଲଗାଯାଇଛି, ଯାହା ଖୁବ୍ ପ୍ରଶଂସନୀୟ ବୋଲି ସେ କହିଛନ୍ତି । ଗତ ଜୁନ୍ ମାସରେ ଭଲ ବର୍ଷା ହେବା ପରେ କିଛି ଜଳ ପୋଖରୀରେ ପ୍ରବେଶ କରିଛି । ମୌସୁମୀ ବର୍ଷାଜଳ ସଂରକ୍ଷଣରେ ଏହା ମୁଖ୍ୟ ଭୂମିକା ନିର୍ବାହ କରିଛି ବୋଲି ଗ୍ରାମବାସୀ କହିଛନ୍ତି ।

# କାର୍ ଡୋର୍ ସତର୍କ କରାଇବ

ଇଉରୋପୀୟ ଗବେଷକଦଳ ଉନ୍ନତମାନର କାର୍ ଡିଜାଇନ୍ କରିଛନ୍ତି । ଏହା ସହାୟତାରେ ଯାତ୍ରୀଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ମିଳିବ । ଯେପରି କାର୍ ଡୋର୍ ଖୋଲି ଆପଣ ଲାଗିଥିବା ସେନ୍‌ସର୍ ସତର୍କ କରାଇବ । ପଛରୁ କେହି ଆସୁଥିଲେ, କାର୍ ଝରକା କାଚର ରଙ୍ଗ ପରିବର୍ତ୍ତନ ହେବା ସହ ବାରମ୍ବାର ସଙ୍କେତ ଦେବ । କୌଣସି ପ୍ରକାର କୀଟ କାର୍‌ରେ ଲଗିଲେ, ତାହା ମଧ୍ୟ ସେନ୍‌ସର୍ ସହାୟତାରେ ଯାତ୍ରୀ ଜାଣିପାରିବେ । ଏହା ସହ ୨୦୦ ମିଟର ବ୍ୟବଧାନରେ ଅନ୍ୟ ଗାଡି ଦ୍ରୁତ ବେଗରେ ଆସୁଥିଲେ, ସେ ବାବଦରେ ମଧ୍ୟ କାର୍‌ର ସେନ୍‌ସର୍ ସଙ୍କେତ ଦେଇଥାଏ । ନିକଟରେ ଜର୍ମାନୀରେ ଆୟୋଜିତ ଏକ ପ୍ରଦର୍ଶନୀୟ ଏହି ବିଶେଷ ଡିଜାଇନର୍ କାର୍ ପ୍ରଦର୍ଶିତ କରାଯାଇଥିଲା । ଖୁବ୍ ଶୀଘ୍ର ଏହି କାର୍ ବଜାର ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି ।



# ଘର ଭିତର ପ୍ରଦୂଷଣ କମ୍ କରିବାର ଉପାୟ

**ଅନେକଙ୍କ ଧାରଣା ଯେ ଆମେ ଘର କିମ୍ବା କାର୍ଯ୍ୟାଳୟ ଭିତରେ ରହିଲେ, ପ୍ରଦୂଷଣର କୌଣସି ଭୟ ନାହିଁ । ପ୍ରଦୂଷଣକ ବ୍ୟାପିବାର କୌଣସି ନିର୍ଦ୍ଦିଷ୍ଟ ନୀତିନିୟମ ଥିବାବେଳେ ଯେ କୌଣସି ସ୍ଥାନକୁ ଏହା ବ୍ୟାପିଥାଏ । ଘର ଭିତରେ ରହିଲେ ନିଜ ସହ ପରିବାର ଲୋକଙ୍କୁ ସୁରକ୍ଷିତ ରଖିବେ କିପରି ? ଏ ବାବଦରେ ବିଶେଷଜ୍ଞଙ୍କ ମତ ହେଲା, କେତୋଟି ସରଳ ପଦକ୍ଷେପରେ ଆପଣଙ୍କ ଘର ଭିତର ଓ କାର୍ଯ୍ୟଳୟ ମଧ୍ୟ ପ୍ରଦୂଷଣମୁକ୍ତ ରହିପାରିବ ।**







- ଫ୍ରିଜ୍, ଏସି, ଟିଭି, ଲ୍ୟାପଟପ୍,ରନ୍ଧନ ଗ୍ୟାସ୍, ରୁମ୍ ଫ୍ରେଶନର୍, ଫୋମ୍ ସୋଫା, ସ୍ମାର୍ଟ ଫୋନ୍, ଡେସ୍କଟପ୍ ଇତ୍ୟାଦି କାରଣରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ସେସବୁ ଆମ ନିଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ଯାଇ କ୍ଷତି ପହଂଚାଇଥାଏ । ଏସବୁ ଜିନିଷର ବ୍ୟବହାର କମ୍ କରିହେବ । କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରିବା କାଠିକର କାମ ଅଟେ । କେବଳ ଘର ବାଲକୋନି କିମ୍ବା ଛାତ ଉପରେ ଗଛ ନ ଲଗାଇ ବରଂ ଘର ଭିତରେ ମଧ୍ୟ କୁଣ୍ଡ ରଖି ଗଛ ଲଗାଇବା ଉଚିତ ।
- ରୁମ୍ ଫ୍ରେଶନର୍ ବ୍ୟବହାର କରିବା ପରିବର୍ତ୍ତେ ତୁଳସୀ, ପୋଦିନା ଗଛ ଘରର କୌଣସି ଏକ କୋଣରେ ରଖିପାରିବେ । ଏସବୁ ଗଛ ପାଇଁ ଅଧିକ ବଡ କୁଣ୍ଡର ଆବଶ୍ୟକତା ମଧ୍ୟ ନାହିଁ ।
- ଘର ଭିତରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଘି-କୁଆଁରୀ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଗଛ ରଖିପାରିବେ । ଏହି ଗଛଗୁଡିକ ଅଙ୍ଗାରକାମ୍ଳକୁ ଶୋଇବା ସହ ଚତୁର୍ଦ୍ଦିଗରେ ପ୍ରଦୂଷଣ କମ୍ କରିଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୨ ଅଗଷ୍ଟ ୨୦୨୦, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କୃଷି ଉପରେ ଗୁରୁତ୍ୱ...

ଦେଶର କୃଷକମାନଙ୍କ ଉପାର୍ଜନକୁ ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରିବା ସକାଶେ କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ତାହା ହାସଲ କରିବା ନିମନ୍ତେ ସମୟାନ୍ତରେ ବହୁ ବଡ଼ ବଡ଼ କାର୍ଯ୍ୟକ୍ରମମାନ ଘୋଷଣା କରାଯାଉଛି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ କି ନାହିଁ ତାହା ନିର୍ଦ୍ଦିଷ୍ଟ ଭାବେ ଆକଳନ କରିବା ସମ୍ଭବ ନୁହେଁ, କିନ୍ତୁ ଏ କଥାରେ ଦ୍ୱିରୁକ୍ତି ଥାଇନପାରେ ଯେ, ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାର କୃଷି ଓ କୃଷକମାନଙ୍କ ଉନ୍ନତି ନିମନ୍ତେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ପୂର୍ବରୁ କୌଣସି ସମୟରେ ହୋଇନଥିଲା । ଏହାର କାରଣ ହୋଇପାରେ, ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ଯେତେ ପ୍ରଗତି ଘଟୁ ପଛେ, କୃଷିର ଉନ୍ନତି ପ୍ରଗତି ବିନା ଦେଶର ଅର୍ଥନୀତିକୁ ଅଗ୍ରଗତି କରାଇବା ଅସମ୍ଭବ ବୋଲି ଏବେ ଅର୍ଥଶାସ୍ତ୍ରୀ ଓ ଯୋଜନାକାରୀମାନେ ଯେଉଁ ମତ ଦେଉଛନ୍ତି ସରକାର ତାକୁ କାୟମନୋବାକ୍ୟରେ ଗ୍ରହଣ କରିଛନ୍ତି । ଏହା କେବଳ କୃଷକମାନଙ୍କ ପାଇଁ ନୁହେଁ, ଦେଶର ଅର୍ଥନୀତି ପାଇଁ ମଧ ଶୁଭ ସୂଚନା । ସରକାରଙ୍କ ଏଭଳି କୃଷି ଓ କୃଷକ କଲ୍ୟାଣର ତାଲିକା ବେଶ୍ ଲମ୍ବା । ତେବେ ଗତ ସପ୍ତାହରେ ସରକାର ଯେଉଁ ଦୁଇଟି ପ୍ରମୁଖ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି, ତାହାକୁ ଭାତହାଣ୍ଡିରୁ ଗୋଟିଏ ଭାତକୁ ଚିପି ପରଖିବା ସଙ୍ଗେ ସମାନ । ପ୍ରଥମତଃ, ଅଗଷ୍ଟ ସାତ ତାରିଖ ଦିନ ପ୍ରଥମ ଥର ପାଇଁ ଦେଶର ଏକ କିଷାନ ସ୍ପେଶାଲ ଟ୍ରେନ ଚଳାଚଳର ଶୁଭାରମ୍ଭ କରାଯାଇଛି । ଦେଓଲାଲିଠାରୁ ଦାନାପୁର ମଧ୍ୟରେ ଚଳାଚଳ କରୁଥିବା କେନ୍ଦ୍ରୀୟ ରେଳବାଇର ଏହି ଟ୍ରେନ ଦ୍ୱାରା କେବଳ ମହାରାଷ୍ଟ୍ର ଓ ବିହାରର କୃଷକମାନେ ମଧ ଉପକୃତ ହୋଇପାରିବ । କାରଣ, ସଂପୂର୍ଣ୍ଣ ରୂପେ ବାତାନୁକୂଳିତ ଏହି ଟ୍ରେନରେ ତଟକା ଓ ପଚନଯୋଗ୍ୟ ଫଳମୂଳ, ପନିପରିବା ଗୋଟିଏ କ୍ଷେତ୍ରରୁ ଅନ୍ୟ ଗୋଟିଏ କ୍ଷେତ୍ରକୁ ଅଳ୍ପ ସମୟ ମଧ୍ୟରେ ପହଞ୍ଚାଯାଇ ପାରିବ । ଏହା କେବଳ ଦୁଇଟି ରାଜ୍ୟକୁ ସଂଯୋଗ କରିବନାହିଁ, ଗ୍ରାମାଞ୍ଚଳ କୃଷକମାନେ ସେମାନଙ୍କର କୃଷି ଉତ୍ପାଦନକୁ ସ୍ଥାନୀୟ ବଜାରରେ ଶାଗମାଛ ଦରରେ ନବିକି ଦୂରଦୂରାନ୍ତ ପର୍ଯ୍ୟନ୍ତ ପ୍ରେରଣ କରିପାରିବେ ଓ ସେଥିପାଇଁ ସେମାନଙ୍କୁ ଅଧିକ ମୂଲ୍ୟ ମଧ୍ୟ ମିଳିବ । ଏହି କିଷାନ ସ୍ପେଶାଲ ଟ୍ରେନର ସଫଳତା ହୁଏତ ଭବିଷ୍ୟତରେ ଏଇଭଳି ଆହୁରି ଅନେକ ଟ୍ରେନ ବିଭିନ୍ନ ସ୍ଥାନ ମଧରେ ଚଳାଚଳ ପାଇଁ ପ୍ରେରିତ କରିପାରିବ । କୃଷକମାନଙ୍କ ପାଇଁ ସରକାରଙ୍କ ଏଭଳି ବ୍ୟବସ୍ଥା ବାସ୍ତବିକ ଏକ ଯୁଗାନ୍ତକାରୀ ପଦକ୍ଷେପ । ଭାବେ ବିବେଚନା କରାଯାଇପାରେ । ଭାରତ ଭଳି ବିବିଧ ଜଳବାୟୁ ମୃତ୍ତିକା ଏବଂ ଉତ୍ପାଦନକ୍ଷମ ଦେଶ ପାଇଁ ଏକ ଅଭିନବ ଯୋଜନା ବୋଲି ହେତୁ କରାଯାଏ । ସେହିଭଳି ଗତ ରବିବାର ଦିନ କୃଷିଭିତ୍ତିକ ବିକାଶ ନିମନ୍ତେ ଏକଲକ୍ଷ କୋଟିର ପାଣ୍ଠି ଘୋଷଣା କରି ପ୍ରଧାନମନ୍ତ୍ରୀ କୃଷକ ଓ କୃଷି ବିକାଶ ଦିଗରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସ୍ୱୀକାର କରିବାକୁ ବେହ । ଭାରତୀୟ କୃଷି ଆଉ ପାରମ୍ପରିକ ଅବସ୍ଥାରେ ନାହିଁ । ଏହା ଏବେ ଯେତିକି ଆଧୁନିକ ହୋଇଛି, ପ୍ରଯୁକ୍ତି ଓ ବିଜ୍ଞାନକୁ ସେଥିରେ ସେତିକି ମାତ୍ରାରେ ପ୍ରୟୋଗ କରାଯାଉଛି । ଭାରତୀୟ କୃଷିର ସବୁଠାରୁ ବଡ଼ ସମସ୍ୟା ହେଉଛି ଉତ୍ପାଦନର ସଂରକ୍ଷଣଣ ଓ ଏହାର ସମୁଚିତ ବିତରଣ । ଏହାଦ୍ୱାରା ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ନଷ୍ଟ ହୋଇଥାଏ । ବିଶେଷକରି ପଚନଯୋଗ୍ୟ ଫଳ ଓ ପନିପରିବା ଏପରିକି ମତ୍ସ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ । ଯଦି ଏହି ଭିତ୍ତିଭୂମିର ବିକାଶ ଘଟେ, ତେବେ ତାହା ଦେଶରେ ପ୍ରତିବର୍ଷ ପ୍ରାୟ ଏକଲକ୍ଷ କୋଟି ମୂଲ୍ୟର ଖାଦ୍ୟ ସାମଗ୍ରୀ ବଂଚାଇ ପାରିବ ଏବଂ ଏହାର ପ୍ରତ୍ୟକ୍ଷ ସୁଫଳ ମିଳିବ କୃଷକମାନଙ୍କୁ । ପୁଣି କୃଷି ଭିତ୍ତିଭୂମିର ବିକାଶ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଗ୍ରାମାଞ୍ଚଳରେ ରୋଜଗାର ଓ କର୍ମନିଯୁକ୍ତିକୁ ପ୍ରୋତ୍ସାହିତ କରିବ । ତେବେ ଏହା କେବଳ ଯୋଜନାର ତାତ୍ତ୍ୱିକ ବିଚାର । ଯଦି ଯୋଜନାଗୁଡ଼ିକୁ ସଫଳତାର ସହ ରୂପାୟନ କରାନଯାଏ, ତେବେ ସେଥିରୁ ନା କୃଷକ ନା ସରକାର କେହି ଉପକୃତ ହୋଇପାରିବ ନାହିଁ । ଆଶା କରାଯାଏ, ଏହି ଯୋଜନା ଉଦ୍ଦେଶ୍ୟ ହାସଲ କରୁ ଓ ସେଥିରେ ସମସ୍ତଙ୍କ ସହଯୋଗ ରହୁ ।



## କରୋନା ଯିବ ହାରି....

ଧ୍ରୁବ ଚରଣ ବେହେରା

ଆସରେ ପିଲାଏ ଭଲ କଥା କିଛି
କହିବି ତୁମକୁ ଆସ
ଗୋଟି ଗୋଟି କରି ଦେବି ମୁଁ ବୁଝାଇ
ମୋ ପାଖରେ ଧିରେ ବସ ।

ମହାମାରୀ ରୋଗ ଆସିଲା କୁଆଡୁ
ବଡ଼ ଭୟଙ୍କର ସେହି
ନ ରହିବ ଯଦି ସଚେତନ ଟିକେ
ଜୀବନ ନେବ ପଳାଇ ।

ଭାରି ସାଙ୍ଘାତିକ ସେ ରୋଗଟି ଜାଣ
ନାହିଁ ତା ପାଇଁ ଔଷଧ
ହେଲେ ସଚେତନ ନ ଆସିବ ଘରେ
ହଟିବ ବଡ଼ ବିପଦ ।

ଭୂତାଣୁ ଜନିତ ସେ ରୋଗ ଅଟଇ
ଜଣଠୁ ଅନ୍ୟକୁ ଡିଏଁ
କହି ହେବ ନାହିଁ କେତେବେଳେ ପୁଣି
ସଂପର୍କ ଆସିଲେ ହୁଏ ।

ବାହାରକୁ ଗଲେ ମୁହଁରେ ବାନ୍ଧିବ
ଭଲ କରି କନା ତୁଣ୍ଡି
ଢାଙ୍କି ହୋଇଥିବ ମୁହଁ ନାକ ପାଟି
ରଖିବ ଦୂରତା ଉଣ୍ଡି ।

କାଶ ଜର ଛିଙ୍କ କାହାକୁ ହେଉବି
ନ କରିବ କେବେ ଡେରି
ସେଥିପାଇଁ ପରା ଆମ ସରକାର
ନମ୍ବର କରିଲେ ଜାରି ।

ଏକ ଶୂନ ସାତ ପାଞ୍ଚକୁ କରିବ
ତୁରନ୍ତ ଡାଏଲ ଜାଣ
ଏକଶତ ଚାରି ଆମ୍ବୁଲାନ୍ସ ଆସି
ଉଠେଇ ନେବ ସାଙ୍ଗେଣ ।

ଭଲ ଉପଚାର କୋଭିଡ୍ ସେଣ୍ଟରେ
ଯୋଗାଇ ଦିଆ ଯାଉଛି
ସଫା ସୁତରାକୁ ମାନିଲେ ସେଠାରେ
ରୋଗ ବି ଭଲ ହେଉଛି ।

ଅନେକ ସୁବିଧା ରୋଗୀ ପାଇଁ ଅଛି
ଡରିବନି କେବେ ତୁମେ
ସାହସ ରଖିଲେ ଭଲ ହୋଇଯିବ
ସୁସ୍ଥରେ ଫେରିବ ତେବେ ।

ସଫା ସୁତରାକୁ ମାନୁଥିବ ରହି
ହାତ ଦେଉଥିବ ଧୋଇ
ସର୍ଫ ଯେ ସାବୁନ୍ ସାନିଟାଇଜର
ରଖିବ ପାଖରେ ଭାଇ ।

ପ୍ରତି ଘଣ୍ଟା ପରେ ଧୋଉଥିବ ହାତ
ମାନିବ ନିୟମ ସବୁ
ତେବେ ଯାଇ ତୁମେ କରୋନା ରୋଗକୁ
ନିଶ୍ଚିତ କରିବ କାବୁ ।

ମଣିଷ ଆମରେ ବେଶୀ ସଚେତନ
କି କରିବ ମହାମାରୀ
ସଙ୍ଗ ରୋଧର ନିୟମ ମାନିଲେ
କରୋନା ଯିବରେ ହାରି ।

ଆସ ମିଳିମିଶି ଏହି ସବୁ କଥା
ଅନ୍ୟକୁ ବୁଝାଇ ଦେବା
ସଭିଏଁ ବୁଝିଲେ ମହାମାରୀ କାଲୁ
ଅବଶ୍ୟ ମୁକ୍ତି ହୋଇବା ।


+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪


# କରୋନା ସମସ୍ୟା ଓ ବିରୋଧୀଦଳ

ଇଂ. ବିଦ୍ୟାଧର ପଣ୍ଡା



ବିଶ୍ୱରେ ମନୁଷ୍ୟଜାତି ଆରମ୍ଭରୁ ଏଯାବତ୍ ଘଟିଥିବା ସମସ୍ତ ସଙ୍କଟ ମଧ୍ୟରେ କୋରୋନାକୁ ସର୍ବବୃହତ୍ ଭାବେ ଗଣନା କରାଯାଉଛି। ଆଜିର ସ୍ଥିତି ପାଂଚଲକ୍ଷ ପର୍ଯ୍ୟନ୍ତ ଲୋକ ଆକ୍ରାନ୍ତ ଏବଂ କୋଡିଏହଜାର ଉପରେ ମୃତ। ଚାଇନାର ପ୍ରସାରିତ ଖବରଉପରେ ସମସ୍ତେ ସନ୍ଦିହାନ, କାରଣ ଗଣମାଧ୍ୟମର ସେଠାରେ ପୂର୍ଣ୍ଣ ସ୍ୱାଧୀନତା ନାହିଁ। କିନ୍ତୁ ଆମେରିକା, ଇଟାଲୀ, ସ୍ପେନ୍ ଓ ଇରାନ୍ ଆଦି ଦେଶରେ କରୋନା ଯେଉଁଭଳି ଭାବରେ ନରସଂହାର ଚଳେଇଛି, ଯଦି ଭାରତରେ ତା'ର ପାଦ ପସାରିବାକୁ ସାମାନ୍ୟତମ ସୁଯୋଗ ମିଳିଗଲା ତେବେ ଅନର୍ଥ ହୋଇଯିବ। ହଜାର ହଜାର ଲୋକ ପୋକମାଛି ପରି ମରିଯିବେ। ଇଟାଲୀ ଭଳି ଦେଶ ଯାହାର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସଂସାଧନ ଆମଦେଶର ସ୍ୱାସ୍ଥ୍ୟ ସଂସାଧନ ଏବଂ ସେବାପଦ୍ଧତି ଠାରୁ ବହୁଗୁଣରେ ଉନ୍ନତ, ସେ ଆଜି କରୋନା ଆଗରେ ଆଣ୍ଠେଇଛି। ଲୋକମାନେ ତ୍ରାହିତ୍ରାହି ଡାକ ଛାଡୁଛନ୍ତି। ସାତହଜାର ଉପରେ ଲୋକଙ୍କ ପ୍ରାଣ ଯାଇସାରିଲାଣି। ଚାଇନାର ଉଭାନ ସହରରେ ସ୍ଥିତି ବଦଳୁଛି, କିନ୍ତୁ ବିଶ୍ୱରେ ଏହା ଧିରେଧିରେ ଗୋଟେ ପରେ ଗୋଟେ ଦେଶକୁ ନିଜ ଆୟତ୍ତକୁ ଆଣି ଧ୍ୱଂସର ତାଣ୍ଡବଲୀଳା ଆରମ୍ଭ କରୁଛି। ଆମଦେଶର କେନ୍ଦ୍ର ସରକାର ଓ ରାଜ୍ୟ ସରକାର କରୋନା ସମସ୍ୟାପ୍ରତି ଯେମିତି ସମ୍ବେଦନଶୀଳତା ପ୍ରଦର୍ଶନ କରିଛନ୍ତି । ସେଥିପାଇଁ ବୁଦ୍ଧିଜୀବୀ ମହଲରେ ସାଧୁବାଦ ଦେବାସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭୂରି ପ୍ରଶଂସା କରିଛି। କିନ୍ତୁ ସଙ୍କଟର ଏହି ଘଡିସନ୍ଧି ମୁହୂର୍ତ୍ତରେ ବିରୋଧୀଦଳର କିଛି ତୁଙ୍ଗନେତା ଜିରାରୁ ଶିରା କାଢି ଯେପରି ନାକାରାତ୍ମକ ମନ୍ତବ୍ୟ ବାଢି ନିଜର ଦାୟିତ୍ୱହୀନତାର ପରିଚୟ ଦେଉଛନ୍ତି ତାହା ନିନ୍ଦନୀୟ।

ସମସ୍ତ ଶାସନ ପ୍ରଣାଳୀ ଭିତରେ ଗଣତନ୍ତ୍ରର ମାନ୍ୟତା ସର୍ବଶ୍ରେଷ୍ଠ। ବିଶ୍ୱରେ ଗଣତନ୍ତ୍ରଶାସନ ଅଦର୍ଶ ଜନହିତକର ସରକାର ଯୋଗଇବାରେ ସମର୍ଥ ବୋଲି ପ୍ରମାଣିତ ହୋଇସାରିଛି। ଫରାସୀ ରାଷ୍ଟ୍ରବିପ୍ଳବ ହେଉ କି ଇଟାଲୀ ଆମେରିକାର ସ୍ୱଧୀନତାସଂଗ୍ରାମ ହେଉ ସବୁଥିରେ ଏଇ ଗଣତନ୍ତ୍ର ସପକ୍ଷରେ ସ୍ୱର ଉଠିଥିଲା। ବିଶେଷଭାବରେ ଏହି ସରକାରର ଯେକୌଣସି ନୀତିକୁ ବିରୋଧୀଦଳଗୁଡିକ ତୀବ୍ର ସମାଲୋଚନା କରୁଥିବାରୁ ସରକାର ସଚେତନ ଭାବରେ ଲୋକବିରୋଧୀ କୌଣସି ପଦକ୍ଷେପ ନେବାକୁ ସାହସ କରିପାରନ୍ତିନି। ସଂଖ୍ୟାଗରିଷ୍ଠ ଦଳ ସରକାର ଗଢିଲେ ସଂଖ୍ୟାଲଘୁ ଦଳ ବିରୋଧୀଦଳର ଭୂମିକା ନିଭାଇଥାଏ। ବିରୋଧୀ ଦଳର ଅନୁପସ୍ଥିତିରେ ସରକାରୀ ଦଳଗୁଡିକ ସ୍ୱେଚ୍ଛାଚାରୀ ହୋଇ ନିଜର ମନମାନିକରି ସ୍ୱାର୍ଥହାସଲ କରିଯିବାର ସମ୍ଭାବନା ରହିଛି। ଏହା ହିଁ ହେଉଛି ସମଗ୍ର ବିଶ୍ୱରେ ଗଣତନ୍ତ୍ରର ସର୍ବଶ୍ରେଷ୍ଠ ବିଶେଷତ୍ୱ। ଏହି ବିଶେଷତ୍ୱଟିକୁ ବିରୋଧୀଦଳର ତୁଙ୍ଗ ନେତାମାନେ ଭଲରେ ବୁଝି ନିଜର ଦାୟିତ୍ୱ ସମ୍ପାଦନ କଲେ ଗଣତନ୍ତ୍ର ସୁଦୃଢ ଏବଂ ଲୋକାଭିମୁଖୀ ହୁଏ। ଆମଦେଶରେ ଗଣତନ୍ତ୍ର ଏବେ ଦିନୁଦିନ କଳୁଷିତ ହେବାରେ ଲାଗିଛି ଏବଂ ନେତାମାନଙ୍କ ନିଃସ୍ୱାର୍ଥପର ସେବାରେ ବ୍ୟତିକ୍ରମ ଦେଖାଦେଲାଣି। ତାଲାବନ୍ଦିର କିଛିଘଂଟା ପରେ ତୁରନ୍ତ କହିପକେଇଲେ ସରକାରଙ୍କର ମୋଟେ ଦୂରଦୃଷ୍ଟି ନାହିଁ। ଗରିବଗୁରୁବା ଚଳିବେ କେମିତି? ଏତେ ଅତର୍କ୍ଷା ଲୋକମାନଙ୍କୁ ଭୟଭୀତ କରୁଥିବା ନେତାଙ୍କୁ ମାମୁଁଘରେ ପୁରେଇ କୁଦିବା କଥା। କ୍ଷମତାର ନିଶା ପ୍ରତ୍ୟେକ ବ୍ୟକ୍ତିର ରହିଛି। ବହୁତ ନେତା ଅଛନ୍ତି ଯେଉଁମାନଙ୍କ ପୁରୁଷପୁରୁଷ ଧରି ସରକାରୀ ଦଳର ଗ୍ୱବିକାଠି ନିଜହାତରେ ରଖି ଆସିଛନ୍ତି ସେମାନେ ବାହାରେ ରହିଲା ବେଳକୁ ଜଳ ବିନା ମାଛର ଅବସ୍ଥା ପରି ଶୁଖିଲାରେ ଛଟପଟ ହୋଇ ବିଚରା ବହୁତ କଷ୍ଟ ଭୋଗୁଛନ୍ତି। ଯେନତେନ ପ୍ରକାରେଣ କ୍ଷମତା ହାତେଇବାକୁ ଯାଇ ଘାଟାରେ ପଡୁଛନ୍ତି। ସରକାରଙ୍କର ଗରିବ ଚିନ୍ତା ନାହିଁ ବୋଲି ଏତେ ଯୋରରେ ହାଲ୍ଲା କରି କାଲି ଶୋଇଲେ। ଆଜି ସକାଳୁ ଶୁଣୁଛନ୍ତି ଲକ୍ଷ ସତୁରି ହଜାରକୋଟି ଟଙ୍କାର ବନ୍ଦୋବସ୍ତ ହୋଇସାରିଲାଣି। ନକଲେ ରାଗ, କିଆଁ କଲାନି? କଲେ ଏତିକି କମ୍ କାହିଁକି କଲା? ଗରିବଙ୍କ ପାଇଁ ସିନା ହେଲା, ହେଲେ ମଧବିତ୍ତ ପରିବାରଙ୍କ ପାଇଁ କିଛି କାହିଁକି କଲାନାହିଁ? ଏ ସବୁ ନାକାରାତ୍ମକ ଏବଂ ସମ୍ପୂର୍ଣ୍ଣ ଦାୟିତ୍ୱହୀନତାର ଉଦାହରଣ ମାତ୍ର। ସରକାର କରୋନା ସମସ୍ୟା ପ୍ରତି ସଚେତନ ଅଛି ଏବଂ ଯଥା ସମ୍ଭବ ପ୍ରଚେଷ୍ଟା ଜାରି ରଖିଛି। ବିରୋଧୀଦଳ ଯଦି ଭାବୁଥାନ୍ତି ବିରୋଧ କରିବା ଛଡା ତାଙ୍କର ଆଉ କିଛି କାମ ନାହିଁ ତେବେ କରନ୍ତୁ, କିନ୍ତୁ ଜନସାଧାରଣ ଏପରି ବେତଣ୍ଡା ଯୁକ୍ତି, ବୟାନବାଜିରେ କିଛି ଉପକୃତ ହେଲାଭଳି ଲାଗୁନି କି ସରକାର ବି ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଅଦୌ ଗମ୍ଭୀରତାର ସହ ନେଉନାହିଁ। ବିରୋଧୀଦଳ ଥାଇ କେତେ ନଥାଇ କେତେ!

ଆଜି ଦିନରେ ୧୯୭୧ ମସିହା ଡିସେମ୍ବର ମାସ କଥା ମନେପଡେ। ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀ ପ୍ରଧାନ ମନ୍ତ୍ରୀ ଏବଂ ଅଟଳ ବିହାରି ବାଜପେୟୀ ଥାଆନ୍ତି ବିରୋଦୀଦଳର ସର୍ବୋଚ୍ଚ ନେତା। ଯୁଦ୍ଧ ସମୟରେ ସରକାରୀ ଓ ବିରୋଧୀ ଦଳର ସମସ୍ତ ସଭ୍ୟ ଲୋକସଭାରେ ବଙ୍ଗଳା ଭାଷା, ଇନ୍ଦିରା ଗାନ୍ଧୀ ଓ ଭାରତମାତାର ଏକସ୍ୱରରେ ଜୟଜୟକାର ନାରା ଦେଇଥିଲେ। ଆମେରିକା ଆମଦେଶର ଏଭଳି ଏକତା ଦେଖି ବିସ୍ମୟ ପ୍ରକାଶ କରିଥିଲା। ସେତେବେଳେ ବି ବାଜପେୟୀଜୀଙ୍କର ଇନ୍ଦିରା ଗାନ୍ଧୀଙ୍କ ସହ ବହୁତ ବ୍ୟକ୍ତିଗତ ମତଭେଦ ଥିଲେ ସୁଧା ଯୁଦ୍ଧବେଳେ ତାଙ୍କୁ ମାଆ ଦୁର୍ଗାସାଙ୍ଗରେ ତୁଳନା କରି ସବୁ କାର୍ଯ୍ୟକ୍ରମକୁ ସ୍ୱାଗତ କରି ସରକାରର ମନୋବଳ ବଢାଇଥିଲେ। ଖାଲି ସେତିକି ନୁହେଁ ଜନସଂଘର ପ୍ରତ୍ୟେକସଭ୍ୟଙ୍କୁ ଏକ୍‌ହୋଇ ସରକାରଙ୍କ ନିର୍ଦ୍ଦେଶ ଅକ୍ଷରେଅକ୍ଷରେ ପାଳନ ପୂର୍ବକ ସମାଜିକ ସଚେତନତା ଦିଗରେ କାମକରିବାକୁ ଆହ୍ୱାନ କରିଥିଲେ। କୁଆଡେ ଗଲା ସେ ଦିନ! କୁଆଡେ ଗଲା ସେ ନେତୃତ୍ୱ। ଆଜିର ସରକାର ଯେତେବେଳେ ସବୁକିଛି ପଛରେ ପକାଇ ଦେଶର ନାଗରିକମାନଙ୍କ ପ୍ରାଣ ବଂଚାଇବାକୁ ଅଂଟାଭିଡିଛି ସେତେବେଳେ ବିରୋଧୀଦଳଙ୍କୁ ରାଜନୀତି କରିବାକୁ ଇଚ୍ଛାହେଉଛି। ସୁସ୍ଥ ବିରୋଧୀଦଳ ଦେଶପକ୍ଷେ ହିତକର। ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ପ୍ରଥମ ଦୃଷ୍ଟି ପ୍ରଦାନ କରିବା ପ୍ରତ୍ୟେକ ବିରୋଧୀଦଳର ଆଦର୍ଶ ହେବା ଉଚିତ୍। ସେମାନଙ୍କର ସାକାରାତ୍ମକ ସହଯୋଗମୂଳକ ଚିନ୍ତାଧାରା ଦେଶଦଶର ବିକାଶ କରିବାରେ ସହାୟକ ହୋଇଥାଏ। ସେମାନେ ମନେରଖିବା ଉଚିତ୍ ଯେ ଜନସାଧାରଣ ଆଜି ସିନା ତାଙ୍କୁ ବିରୋଧୀଦଳର ଆସନରେ ବସାଇଛନ୍ତି, କିନ୍ତୁ କାଲି ନିର୍ବାଚନ ବେଳେ ସେମାନେ ପୁଣିଥରେ ସରକାର ଗଠନ ନକରିବେ ବୋଲି କିଏ କହିବ! ତେଣୁ ନିଜକୁ ଏବେଠାରୁ ସରକାରଙ୍କ ସ୍ଥାନରେ ଅନୁଭବକରି କ୍ଷମତାବାହାରେ ଥାଇବି ଜନସାଧାରଣଙ୍କ ହିତକଥା ସଦସର୍ବଦା ମନନଚିନ୍ତନ କଲେ ପ୍ରକୃତ ବିରୋଧୀଦଳର ଭୂମିକା ନିର୍ବାହ କରିହେବ। ସେମାନେ ବି ନେତା, ସିଏ ବି ନିର୍ବାଚନରେ ଜିତିଛନ୍ତି, କେହି ନା କେହି ତ ଭୋଟ ଦେଇ ତାଙ୍କୁ ଦେଶଦଶର ହିତପାଇଁ ବାଛି ଲୋକସଭା ଭିତରକୁ ପଠେଇଛନ୍ତି। ତେଣୁ ସେମାନେ ସେହି ନାଗରିକଙ୍କ ଆଶା ଓ ବିଶ୍ୱାସକୁ ସାକାର କରିବା ସହ ସରକାରଙ୍କର ଜନସ୍ୱାର୍ଥ ସମ୍ବଳିତ କାର୍ଯ୍ୟକ୍ରମକୁ ଗଠନମୂଳକ ସମର୍ଥନ କରିବା, ଦେଶର ବିକାଶ ଓ ସମ୍ମାନ ବୃଦ୍ଧିପ୍ରତି ଧ୍ୟାନଶୀଳ ହେବା ଏବଂ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ବିଧେୟ। କରୋନାରେ ଆଜି ସମ୍ପୂର୍ଣ୍ଣ ବିଶ୍ୱ ଆତଙ୍କିତ। ଭଗବାନଙ୍କର ଅସୀମକୃପାରୁ ଭାରତ ଏପର୍ଯ୍ୟନ୍ତ କରୋନା ସହ ଘମାଘୋଟ ଯୁଦ୍ଧ ଜାରିରଖି ଦିନୁଦିନ ତାକୁ ଦୁର୍ବଳ କରିବାରେ ଲାଗିଛି। ଏଭଳି ପରିସ୍ଥିତିରେ ବିରୋଧୀଦଳ ନେତାମାନେ ନାକାରାତ୍ମକ ଆଲୋଚନାର ରାଜନୀତି ଛାଡି ଜନସାଧାରଣଙ୍କ ହିତରେ କିଛି ସରକାରଙ୍କୁ ସାକାରାତ୍ମକ ଗଠନମୂଳକ ଉପଦେଶ ଦେଇ ଯଥାସମ୍ଭବ ସହାଯ୍ୟ ସହାନୁଭୂତିର ହାତବଢାଇଲେ ଜନତା ଉପକୃତ ହେବେ ଏବଂ କରୋନା ସମସ୍ୟାର ଆମେ ସଫଳ ମୁକାବିଲା କରିପାରିବା।


+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର--
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧,
bdpanda1@gmail.com


# ଭାରତୀୟ ରାଜନୀତିରେ ସିନ୍ଧିଆ ରାଜବଂଶର ଭୂମିକା

ଡାକ୍ତର ସୁରେନ୍ଦ୍ରନାଥ ଦାଶ



ସିନ୍ଧିଆ ମାନେ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଲୋକଲୋଚନକୁ ଆସିଥିଲେ । ମହାରାଷ୍ଟ୍ରର ସାତାରା ଜିଲ୍ଲାରେ କାହ୍ନେରଖେଡର ଜମିଦାର ଥିଲେ ଜାଙ୍କୋଜିରାଓ ସିନ୍ଧିଆ । ସେମାନେ କୁନବି ସଂପ୍ରଦାୟର ଅଟନ୍ତି । ବାହାମାନୀ ସୁଲତାନଙ୍କ ଅଧିନରେ ସେ ଜଣେ ସିଲେଦାର ବା ଅଶ୍ୱାରୋହୀ ରୂପେ ଚାକିରୀ କରୁଥିଲେ । ମହାରାଷ୍ଟ୍ରରେ ମହାବୀର ଶିବାଜୀଙ୍କର ଆବିର୍ଭାବ ଦାକ୍ଷିଣାତ୍ୟର ରାଜନୀତିକୁ ଓଲଟାଇ ଦେଲା। ସେ ଏକ ସ୍ୱାଧିନ ମରାଠା ରାଜ୍ୟ ସ୍ଥାପନ କଲେ । ଡେକାନ ସୁଲତାନ ମାନଙ୍କ ପାଖରେ କାମ କରୁଥିବା ଅନେକ ମରାଠା ତାଙ୍କ ସୈନ୍ୟ ବାହିନୀ ରେ ଯୋଗ ଦେଲେ ।

ଏତକି ବେଳେ ମରାଠା ଛତ୍ରପତି ସାହୁ ଜଣେ ୨୨ବର୍ଷର ଯୁବକ ବାଜି ରାଓଙ୍କୁ ପେଶବା ରୂପେ ନିଯୁକ୍ତ କଲେ ଓ ତାଙ୍କୁ ସମସ୍ତ କ୍ଷମତା ଅର୍ପଣ କଲେ । ପୁରୁଣା ସେନାପତି ମାନେ ଏହି ତରୁଣ ପେଶବାଙ୍କ ଅଧିନରେ କାମ କରିବାକୁ ଅନିଚ୍ଛୁକ ହେଲେ। ଏଥିରେ ଡରି ନଯାଇ ବାଜିରାଓ ନିଜେ ସାଧାରଣ ପରିବାରର କିଛି ଯୁବକ ଙ୍କୁ ନୂତନ ସେନାପତି ରୂପେ ବାଛିଥିଲେ । ସେହି ନବିନ ଯୁବକ ମାନେ ପରେ ଜଣେ ଜଣେ ଅସାଧାରଣ ସେନାପତିରେ ପରିଣତ ହୋଇ, ମରହଟ୍ଟା ସାମ୍ରାଜ୍ୟକୁ ସାରା ଭାରତରେ ବିସ୍ତାର କରିଥିଲେ ଓ ପ୍ରସିଦ୍ଧ ସିନ୍ଧିଆ, ହୋଲକାର, ଭୋନସଲେ, ପାଓ୍ୱାର, ପଣ୍ଡିତ, ଧରବଂଶ ପ୍ରତିଷ୍ଠା କରି ଭାରତର ରାଜନୀତିକୁ ନିୟନ୍ତ୍ରଣ କରିଥିଲେ।

ସିନ୍ଧିଆ ରାଜବଂଶର ପ୍ରତିଷ୍ଠାତା ଥିଲେ ରାନୋଜି ସିନ୍ଧେ (୧୭୩୨)। ଉଜ୍ଜୟନୀ ଠାରେ ତାଙ୍କର ରାଜଧାନୀ ଥିଲା । ଏମାନେ ରାଜସ୍ଥାନ ଓ ଦିଲ୍ଲୀ ସମେତ ପଞ୍ଜାବ ଅଧିକାର କରିଥିଲେ । ତୃତୀୟ ପାନିପଥ ଯୁଦ୍ଧ(୧୭୬୧)ରେଏହି ବଂଶର ରାଜା ଦୌଲତରାଓ ଆପଗାନ ମାନଙ୍କ ଦ୍ୱାରା ବନ୍ଦୀ ହୋଇ ମୃତ୍ୟୁ ଦଣ୍ଡ ପାଇଥିଲେ । ତାଙ୍କ ସାନ ଭାଇ ମହାଦଜୀ ଜଣେ ଶ୍ରେଷ୍ଠ ସେନାପତି ଥିଲେ । ତୃତୀୟ ପାନିପଥରେ ବିଧ୍ୱସ୍ତ ସାମ୍ରାଜ୍ୟକୁ ସେ ଆଉଥରେ ଠିଆ କରାଇଲେ । ସେ ଦିଲ୍ଲୀର ମୋଗଲ ବାଦଶାଙ୍କୁ ଗୁଲାମ କାଦେର ନାମକ ଜଣେ ରୋହିଲା ସରଦାର ର ବନ୍ଦୀଶାଳାରୁ ମୁକ୍ତ କରିଥିଲେ। ୧୮୧୮ ମସିହାରେ ତୃତୀୟ ମରହଟ୍ଟା ଯୁଦ୍ଧରେ ଇଂରେଜ ମାନେ ସିନ୍ଧିଆଙ୍କୁ ପରାସ୍ତ କଲେ । ସେ ଜଣେ କରଦ ରାଜା ହେଲେ । ଆଜମିର, ରାଜପୁତନା ଓ ଦିଲ୍ଲୀ ତାଙ୍କ ଠାରୁ ଇଂରେଜ ମାନେ ନେଇଗଲେ । ମହାରାଜା ଜିଭାଜି ରାଓ ସିନ୍ଧିଆଙ୍କ ସମୟରେ ଦେଶ ସ୍ୱାଧୀନ ହେଲା । ସିନ୍ଧିଆଙ୍କ ରାଜ୍ୟ ଭାରତରେ ମିଶି ମଧ୍ୟ-ଭାରତ ୟୁନିଅନ ଗଢାହେଲା । ସିନ୍ଧିଆ ଏହାର ରାଜପ୍ରମୂଖ ହେଲେ । ୧୯୫୬ ମସିହାରେ ଏହା ମଧ୍ୟ ପ୍ରଦେଶ ରାଜ୍ୟରେ ମିଶିଲା ଓ ରାଜ ପ୍ରମୁଖ ପଦ ଲୋପ ପାଇଲା । ତାଙ୍କର ବିଧବାପତ୍ନୀ ବିଜୟାରାଜେ ସିନ୍ଧଆ ୧୯୬୨ ମସିହାରେ କଂଗ୍ରେସ ଦଳ ପ୍ରାର୍ଥୀ ଭାବେ ପାର୍ଲାଆମେଂଟକୁ ନିର୍ବାଚିତ ହେଲେ । ପରେ ସେ ଭାରତୀୟ ଜନସଂଘରେ ଯୋଗ ଦେଇ ଦଳର ଉପ ସଭାପତି ହୋଇଥିଲେ। ୧୯୭୧ ମସିହାରେ ସମ୍ବିଧାନର୨୬ତମ ସଂଶୋଧନ ଦ୍ୱାରା ରାଜା ମାନଙ୍କର ହାତପାଣ୍ଠି ଓ ପଦବୀ ଲୋପ ପାଇଲା । ବିଜୟାରାଜେ ବିଜେପି ଦଳରେ ଯୋଗ ଦେଇ ଏହାର ଉପସଭାପତି ଥିଲେ । ଗୁନା ଓ ଗ୍ୱାଲିୟରରୁ ସେ ସବୁବେଳେ ଜିତିଥିଲେ। ୨୦୦୩ ମସିହାରେ ରାଜମାତାଙ୍କର ମୃତ୍ୟୁ ଘଟିଲା । ତାଙ୍କ ପୁଅ ମାଧବ ରାଓ ସନ୍ଧିଆ ଜନସଂଘରେ ଯୋଗ ଦେଇ ୧୯୭୧ ଓ୧୯୭୭ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୮୦ ମସିହାରେ ସେ ଇନ୍ଦିରା କଂଗ୍ରେସରେ ମିଶିଲେ ଓ ସମୁଦାୟ ୯ଥର ଜିତି ବହୁବାର ମନ୍ତ୍ରୀ ହୋଇଥିଲେ । ୨୦୦୧ ନଭେମ୍ବର ୩୦ ତାରିଖରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲା। ମୃତ୍ୟୁ ପର୍ଯ୍ୟନ୍ତ ସେ ସବୁବେଳେ ଜିତୁ ଥିଲେ । ଅଟଳ ବିହାରି ବାଜପେୟୀ ତାଙ୍କ ଠାରୁ ନିର୍ବାଚନରେ ହାରି ଯାଇଥିଲେ(୧୯୮୪)।

ରାଜନୈତିକ ମତ ପାର୍ଥକ୍ୟ ମା ଓ ପୁଅଙ୍କ ସଂପର୍କକୁ ବିଷାକ୍ତ କରିଥିଲା । ଅନେକ ମାଲି ମକଦମାରେ ଉଭୟ ଛନ୍ଦି ହୋଇ ପଡିଥିଲେ । ମାଧବ ରାଓ ଏସବୁ ବିବାଦ ଲାଗି ମାଙ୍କର ସହାୟକ ସର୍ଦ୍ଦାର ଆଂଗ୍ରେ କୁ ଦାୟି କରିଥିଲେ । ରାଜମାତା ପୁଅ କୁ ତେଜ୍ୟ ପୁତ୍ର କରିଥିଲେ । ମାଧବ ରାଓଙ୍କ ଭଉଣୀ ବସୁନ୍ଧରା ରାଜେ ମଧ୍ୟ ପ୍ରଦେଶ ଓ ରାଜସ୍ଥାନ ରୁ ପଂଚ ଥର ପାର୍ଲାଆମେଂଟକୁ ନିର୍ବାଚିତ ହୋଇ ଥିଲେ । ଅଟଳଜୀ ଙ୍କ ସମୟରେ ସେ କେନ୍ଦ୍ର ମନ୍ତ୍ରୀ ଥିଲେ । ପରେ ଲାଗ ଲାଗ ଦୁଇଥର ରାଜସ୍ଥାନର ମୁଖ୍ୟ ମନ୍ତ୍ରୀ ପଦ ପାଇଥିଲେ । ତାଙ୍କ ସାନ ଭଉଣୀ ଯଶୋଧାରା ରାଜେ ମଧ୍ୟ ପ୍ରଦେଶ ରାଜନୀତିରେ ସକ୍ରିୟ ଅଛନ୍ତି ଓ ଗତ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିଲେ । ବସୁନ୍ଧରାଙ୍କ ପୁଅ ଦ୍ୟୁଷନ୍ତ ସିନ୍ଧିଆ ୨୦୦୪ ନିର୍ବାଚନରେ ଲୋକସଭାକୁ ଯାଇଥିଲେ ।

ବର୍ତ୍ତମାନ ରାଜବଂଶର ଯେଉଁ ବ୍ୟକ୍ତି ସାରା ଭାରତରେ ଚର୍ଚ୍ଚାର ବସ୍ତୁ ହୋଇଛନ୍ତି, ସେ ହେଉଛନ୍ତି ଏହି ବଂଶ ର ବର୍ତ୍ତମାନ ର ମହାରାଜା ଜ୍ୟୋତିରାଦିତ୍ୟ ସିନ୍ଧିଆ । ସେ ହେଉଛନ୍ତି ପରଲୋକଗତ ମହାରାଜା ମାଧବ ରାଓ ଙ୍କର ଏକମାତ୍ର ପୁଅ । ତାଙ୍କର ମା ନେପାଳର ରାଣା ବଂଶର କନ୍ୟା ଅଟନ୍ତି । ତାଙ୍କର ବିଳାସପୂର୍ଣ୍ଣ ବିବାହ ଦିନେ ସାରାଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା । ଜ୍ୟୋତି ୧୯୭୧ ମସିହା ନୂଆବର୍ଷ ଦିନ ଜନ୍ମ ଗ୍ରହଣ କରିଥିଲେ । ଡୁନ ଓ ହାର୍ଭାର୍ଡରୁ ସେ ଉଚ୍ଚ ଶିକ୍ଷା ଲାଭକରି ବାପାଙ୍କ ଝରାଜନୀତିରେ ସାହାଯ୍ୟ କରୁଥିଲାବେଳେ ୨୦୦୧ ମସିହା ନଭେମ୍ବର ୩୦ତାରିଖ ରେ ଏକ ବିମାନ ଦୁର୍ଘଟଣାରେ ମାଧବରାଓ ଙ୍କର ମୃତ୍ୟୁ ଘଟିଲା । ପିତାଙ୍କର ମୃତ୍ୟୁପରେ ଖାଲିପଡିଥିବା ଗୁନା ଲୋକସଭା ନିର୍ବାଚନ ମଣ୍ଡଳିରେ ମଧ୍ୟବର୍ତ୍ତି ନିର୍ବାଚନ୨୦୦୨ରେ ଲଢି ବିଜେପି ପ୍ରାର୍ଥୀଙ୍କୁ ୪୫୦୦୦୦ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ । ୨୦୧୪ ମସିହା ପର୍ଯ୍ୟନ୍ତ ସେ ତାଙ୍କ ପରିବାରର ଗୁନା ଲୋକସଭା ଆସନରୁ ଜିତି ଆସୁଥିଲେ। ସେ ୩ଥର କେନ୍ଦ୍ର ମନ୍ତ୍ରୀ ହୋଇ ଶକ୍ତି, ବାଣିଜ୍ୟ ଓ ଶିଳ୍ପ ବିଭାଗ ଦାୟିତ୍ୱରେ ଥିଲେ । ୨୦୧୯ ଲୋକସଭା ନିର୍ବାଚନରେ ସ ବିଜେପି ପ୍ରାର୍ଥୀ କ୍ରୃଷ୍ଣ ସିଂ ଯାଦବଙ୍କ ଠାରୁ ହାରି ଯାଇଥିଲେ।

ମଧ୍ୟ ପ୍ରଦେଶର ଗତ ବିଧାନସଭା ନିର୍ବାଚନରେ ସେ ନିର୍ବାଚନ ପରିଚାଳନା କମିଟିର ସଭାପତି ଥିଲେ । ନିର୍ବାଚନରେ୨୩୦ ବିଧାନସଭା ସ୍ଥାନରୁ କଂଗ୍ରେସ ଦଳ ୧୧୩ଟି ସ୍ଥାନ ଜିତି ଏକକ ସଂଖ୍ୟା ଗରିଷ୍ଠ ଦଳ ହେଲା ୦୧୫ ବର୍ଷ ଦରି ଶାସନ କରୁଥିବା ବିଜେପି ୧୦୭ ସ୍ଥାନ ପାଇଲା । ଅନ୍ୟ ଦଳର ସଭ୍ୟ ମାନଙ୍କ ସହାୟତାରେ କଂଗ୍ରେସ ର କମଳନାଥ ମୁଖ୍ୟମନ୍ତ୍ରୀ ହେଲେ । ରାଜସ୍ଥାନ ରେ ମଧ୍ୟ ୧୦ ବର୍ଷର ବିଜେପି ଶାସନ ର ପତନ ଘଟିଲା । ଛତିଶ ଗଡ, ପଞ୍ଜାବ, ମହାରାଷ୍ଟ୍ର ଓ ଝାଡଖଣ୍ଡରେ ମଧ୍ୟ ବିଜେପିର ପରାଜୟ ହୋଇ ନିଜେ ଏକୁଟିଆ କିମ୍ବା ମିଳିତ ସରକାର କରି କଂଗ୍ରେସ କ୍ଷମତା ପାଇଲା। ମନେ ହେଲା କଂଗ୍ରେସର ସୁଦିନ ଫେରି ଆସୁଛି । ମାତ୍ର କଂଗ୍ରେସର ଅନ୍ତର୍ନିହିତ ଦୁର୍ବଳତା, ତାହାର ବଂଶଗତ ଶାସନ, ଯୋଗ୍ୟତା ନଥିଲେ ମଧ୍ୟ ପୁତ୍ର ସ୍ନେହରେ ଅନ୍ଧ ସୋନିଆ ଗାନ୍ଧି ଅନ୍ୟ କାହାକୁ ବାଟ ଛାଡିବାକୁ ପ୍ରସ୍ତୁତ ନଥିବା ଦଳକୁ ଦିନକୁଦିନ ଦୁର୍ବଳ କରିଦେଲା । ଦିର୍ଘଦିନ ହେଲା ଦଳର ସଭାପତି ପଦ ସେ ଖାଲି ରଖିଛନ୍ତି, କେତେବେଳେ ଅବୁଝା ଅଲିଅଳ ନନ୍ଦନ ପଦଗ୍ରହଣ ପାଇଁ ରାଜି ହୋଇଯିବ। ନାନା ଅପରାଧରେ ସଂପୃକ୍ତ ଜୋଇଁ ରବର୍ଟ ଭଦ୍ରା ଓ କନ୍ୟା ପ୍ରିୟଙ୍କା ମଧ୍ୟ ଦଳରେ ପ୍ରଭାବ ବିସ୍ତାର କରିଛନ୍ତି । ଅନେକ ଲୋକ ଆଗରୁ ପ୍ରତିବାଦ କଲେ ମଧ୍ୟ ସେମାନଙ୍କୁ ଅପମାନିତ କରି ଦଳରୁ ବିଦା କରାଯାଇଛି। ରାଜସ୍ଥାନର ଶଚିନ ପାଇଲଟ ଓ ମଧ୍ୟ ପ୍ରଦେଶର ସିନ୍ଧିଆ ଯୁବକ ଅଟନ୍ତି। ସେମାନେ ଅନୁଭବ କରୁଛନ୍ତି ରାହୁଲ ଗାନ୍ଧୀଙ୍କ ପାଇଁ ଜାଣି ଜାଣି ଯୁବ ନେତୃତ୍ୱ ଙ୍କୁ ସ୍ଥାନ ଛାଡିବାକୁ ସୋନିଆ ଚାହାଁନ୍ତି ନାହିଁ । ଏଣେ ବୟସ ଚାଲି ଯାଉଛି । ବାପାମାନେ ଗୋଡାଣିଆ ହୋଇ ଅକାଳରେ ମଲେ । କଂଗ୍ରେସରେ ରହିଲେ ସବୁଦିନ ପାଇଁ ଗାନ୍ଧି ପରିବାରର ବଚସ୍କର ହେବାକୁ ପଡିବ । ସେଥିପାଇଁ ଏକ ରିସ୍କ ନେଇଛନ୍ତି ସିନ୍ଧିଆ ବା ତାଙ୍କ ଭାଷାରେ, 'ଲେଟ ଅସ ହାଭ ଏ ନିୟୁ ଷ୍ଟାର୍ଟ । ବେଟର ହେଡ ଅଫ ଏଲାୟନ ଦାନ ଟୁ ଟେଲ ଅଫ ଏ ଜାକେଲ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬

# ଜିରୋ ଘାଟି



ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ ।

ଜିରୋ ଘାଟି, ଅରୁଣାଚଳ ପ୍ରଦେଶର ଲୋୟର ସୁବନସିରି ଜିଲ୍ଲାର ଏକ ପୁରାତନ ସହର । ପୂରା ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ । ଧାନ ବ୍ୟତୀତ ସେଠାରେ ବହୁଳ ମାତ୍ରାରେ ମାଛଚାଷ କରାଯାଏ । ଜିରୋ ବନ୍ୟପ୍ରାଣୀ ପାଇଁ ମଧ୍ୟ ଏକ ଲୋକପ୍ରିୟ ସ୍ଥାନ । ସ୍ଥାନୀୟ ବାସିନ୍ଦା ଅପାତାନୀ ନାମରେ ଜଣାଶୁଣା । ସେମାନଙ୍କର ପର୍ବପର୍ବାଣି, ରୀତିନୀତି ଓ ପରମ୍ପରା ପାଇଁ ମଧ୍ୟ ଜିରୋ ଘାଟି ପ୍ରସିଦ୍ଧ । ସେମାନେ ପ୍ରକୃତିର ଦେବତାଙ୍କୁ ପୂଜା କରିଥାନ୍ତି । ସେମାନଙ୍କର ସଂସ୍କୃତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଉତ୍ସବ ମଧ୍ୟରେ ମ୍ୟାକୋ ମୁରୁଙ୍ଗ ଓ ଡ୍ରି ପ୍ରମୁଖ । ପର୍ଯ୍ୟଟକମାନେ ମଧ୍ୟ ଏହି ଉତ୍ସବରେ ଭାଗ ନେଇପାରିବେ । ଜିରୋର ପାଣିପାଗ ପ୍ରାୟତଃ ଅନୁକୂଳ ଥାଏ, ଯାହାଦ୍ୱାରା ପର୍ଯ୍ୟଟକମାନେ ବର୍ଷସାରା ସେଠାକୁ ଯାଇଥାନ୍ତି । ସେପ୍ଟେମ୍ବରରେ ପାଳନ ହେଉଥିବା ଜିରୋ ମ୍ୟୁଜିକ ଫେଷ୍ଟିଭାଲ ପାଇଁ ଏହି ସ୍ଥାନର ଗୁରୁତ୍ୱ ଅଧିକ । ୨୦୧୨ ମସିହାରେ ଏହି ଫେଷ୍ଟିଭାଲ ଆରମ୍ଭ ହୋଇଥିଲା । ପୃଥିବୀର କୋଣ ଅନୁକୋଣରୁ ସଙ୍ଗୀତପ୍ରେମୀ, ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସଙ୍ଗୀତ ବ୍ୟାଣ୍ଡ ପାର୍ଟି, ଲୋକ କଳାକାର ଏହି ଫେଷ୍ଟିଭାଲରେ ଭାଗ ନେବାକୁ ସେଠାକୁ ଯାଇଥାନ୍ତି । ଜିରୋରେ ଭ୍ରମଣ କରିବା ପାଇଁ କିଛି ବେଶ୍ କେତୋଟି ସ୍ଥାନ ଅଛି ।

### ରୋମାଞ୍ଚକର ରୋଡ ଟ୍ରିପ୍:

ବାଦଲ ଓ ବିଭିନ୍ନ ବୃକ୍ଷ ମଧ୍ୟରେ ରୋଡ ଟ୍ରିପ୍‌ର ରୋମାଞ୍ଚକ ଅନୁଭବ ଜିରୋରେ ପର୍ଯ୍ୟଟକମାନେ ପାଇପାରିବେ । ପୂର୍ବୋତ୍ତର କ୍ଷେତ୍ରର ଅଙ୍କାବଙ୍କା ରାସ୍ତାରେ ଗାଡ଼ି ଚଳେଇବାର ଏକ ଭିନ୍ନ ଅନୁଭୂତି ଦେଇଥାଏ । ସେଠାରେ ଉପଭୋଗ କରିଥିବା ରୋମାଞ୍ଚକ ରୋଡ ଟ୍ରିପ୍ ଭୁଲି ପାରିବେ ନାହିଁ । ପର୍ଯ୍ୟଟକମାନେ ସେଠାରେ ରହୁଥିବା ଅଧିବାସୀଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପାଇପାରିବେ । ଜିରୋ ଅଲଗା ଏକ ଦୁନିଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ରହୁଥିବା ଅପତାନୀ ଜନଜାତିର ଲୋକମାନେ ନାକ ପିୟର୍ସିଙ୍ଗ ଓ ଫେସିଆଲ ଟାଟୁ ପାଇଁ ଜଣାଶୁଣା । ତାଲେ ଘାଟି ବ୍ୟତୀତ ଟ୍ରେକିଙ୍ଗ ପାଇଁ ବୋମଡିଲା-ତବାଙ୍ଗ କ୍ଷେତ୍ର ମଧ୍ୟ ଲୋକପ୍ରିୟ ।



### ଟେଲି ଘାଟି ବନ୍ୟ ଜୀବନ ଅଭୟାରଣ୍ୟ:

ରୋମାଞ୍ଚ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟେଲି ଘାଟି ଏକ ଉପଯୁକ୍ତ ସ୍ଥାନ । ଟ୍ରେକିଂ ପାଇଁ ଏହା ପ୍ରସିଦ୍ଧ । ଟେଲି ଘାଟି ବନ୍ୟ ଜୀବ ଅଭୟାରଣ୍ୟ ଜିରୋଠାରୁ ୩୦ କି.ମି. ଦୂରରେ ଅବସ୍ଥିତ । ଏହି ଅଭୟାରଣ୍ୟ ବିଭିନ୍ନ ପ୍ରକାରର ବନସ୍ପତି ଓ ଜୀବଜନ୍ତୁଙ୍କ ପାଇଁ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷଣ କରିଥାଏ । ସେଠାରେ କ୍ଲାଉଡେଡ ଚିତା ବାଘ ପରି ଦୁର୍ଲଭ ପ୍ରଜାତିର ବନ୍ୟଜୀବ ଦେଖିବାକୁ ମିଳିଥାନ୍ତି । ୩୩୭ ବର୍ଗ କି.ମିରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟ ପାର୍ଶ୍ୱରେ ପ୍ରବାହିତ ହେଉଥିବା ତିନୋଟି ନଦୀର ଦୃଶ୍ୟ ପର୍ଯ୍ୟଟକଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିଥାଏ ।

### ଜିରୋ ଫୁଟୋ:

ଜିରୋ ଫୁଟୋ ଏକ ପାହାଡ଼, ଯେଉଁଠାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଶାସନିକ କେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠରେ ୧୯୬୦ ଦଶକରେ ସେନା ଛାଉଣିର ସ୍ଥାପନା କରାଯାଇଥିବା ଯୋଗୁ ସେ ସ୍ଥାନକୁ 'ଆର୍ମି ପୁଟୋ' ବୋଲି ମଧ୍ୟ କୁହାଯାଏ । ସେ ସ୍ଥାନରୁ ପର୍ଯ୍ୟଟକମାନେ ଅପତାନୀ ପଠାର ନାମକ ସ୍ଥାନର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ ।

### ମେଘନା ଗୁମ୍ଫା ମନ୍ଦିର:

ଜିରୋ ପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ । ମନ୍ଦିରରେ ପହଞ୍ଚିବାକୁ ହେଲେ ଅନେକ ସିଡ଼ି ଚଢ଼ିବାକୁ ପଡ଼ିଥାଏ । ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ୫୦୦୦ ବର୍ଷର ପୁରୁଣା ମନ୍ଦିର ତା'ର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ।



### ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ୍:

ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ ଭାରତରେ ପ୍ରସିଦ୍ଧ ଅଦ୍ଭୁତ ସ୍ୱତନ୍ତ୍ର ସଙ୍ଗୀତର ଏକ ଭିନ୍ନ ପ୍ରକାର ଉତ୍ସବ । ସଙ୍ଗୀତ ଜୀବନ ଆରମ୍ଭ କରୁଥିବା ସଙ୍ଗୀତକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ଫେଷ୍ଟିଭାଲ ଆରମ୍ଭ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଫେଷ୍ଟିଭାଲରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଣ୍ଡ ପାର୍ଟିମାନେ ଭାଗ ନେଉଛନ୍ତି । ପର୍ଯ୍ୟଟକମାନେ ସଙ୍ଗୀତର ମଜା ନେବାକୁ ଯଦି ଚାହାଁନ୍ତି ତେବେ ଜିରୋ ଫେଷ୍ଟିଭାଲ ସମୟରେ ସେଠାକୁ ଯିବା ଉଚିତ୍ ।



### ପାଇନ ବଗିଚା:

ଜିରୋ ଘାଟିର ପାଇନ ଗ୍ରୋଭ ବା ପାଇନ ଗଛର ବଗିଚା ପର୍ଯ୍ୟଟକଙ୍କୁ ଆକୃଷ୍ଟ କିଥାଏ । ଏହି ସ୍ଥାନ ପୁରୁଣା ଜିରୋ ସହରଠାରୁ ପାଖାପାଖି ୩ କି.ମି ଦୂରରେ ଅବସ୍ଥିତ । ଫଟୋଗ୍ରାଫି ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ।



### କେବେ ଯିବେ:

ଜିରୋ ଘାଟିରେ ଭ୍ରମଣ କରିବାକୁ ହେଲେ ମାର୍ଚ୍ଚ ମଧ୍ୟ ଭାଗରୁ ଜୁଲାଇର ମଧ୍ୟ ଭାଗ ତଥା ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଉପଯୁକ୍ତ ସମୟ । ସେତେବେଳେ ସେଠାରେ ତାପମାନ ୧୦ରୁ ୧୫ ଡିଗ୍ରୀ ଥାଏ ।

### କିପରି ଯିବେ:

ଆସାମର କାମରୂପ ଜିଲ୍ଲାରେ ଅବସ୍ଥିତ ଗୌହାଟୀ ସବୁଠାରୁ ପାର୍ଶ୍ୱବର୍ତ୍ତୀ ବିମାନ ବନ୍ଦର ଓ ରେଲୱେ ଷ୍ଟେସନ । ସେଠାରୁ ଜିରୋ ଘାଟି ପାଖାପାଖି ୧୨ ଘଣ୍ଟାର ରାସ୍ତା । ପର୍ଯ୍ୟଟକମାନେ ବସ୍ ବା ଟ୍ୟାକ୍ସି ଦ୍ୱାରା ସେଠାରେ ପହଞ୍ଚ ପାରିବେ ।

### ଡାଲୋ ମାଣ୍ଡୋ:

ହପୋଲୀଠାରୁ ୨ କି.ମି ଦୂରରେ ଥିବା ଡାଲୋ-ମାଣ୍ଡୋ ଟ୍ରେକର୍ସମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେଠାରୁ ହାପୋଲୀ ଓ ପୁରୁଣା ଜିରୋ କ୍ଷେତ୍ରରେ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।



### ତାରିନ ମାଛ ଫାର୍ମ:

ଏହି ମାଛ ଫାର୍ମ ହପୋଲୀଠାରରୁ ୩.୫ କି.ମି ଦୂରରେ ଥିବା ଏକ ସୁନ୍ଦର ସ୍ଥାନ । ସେଠାରେ ଅନେକ ପ୍ରଜାତିର ସୁନ୍ଦର ମାଛ ଦେଖିବାକୁ ମିଳିଥାଏ ।




## ପ୍ଲାଷ୍ଟିକ୍ ବର୍ଜ୍ୟର ବିକଳ୍ପ ଜୈବବିଘଟିତ ଚପଲ

ସମୁଦ୍ରକୁ ଯାଉଥିବା କ୍ଷତିକାରକ ପ୍ଲାଷ୍ଟିକ ବର୍ଜ୍ୟର ମାତ୍ରା ହ୍ରାସ କରିବା ଉଦ୍ଦେଶ୍ୟରେ ଆମେରିକୀୟ ବୈଜ୍ଞାନିକମାନେ ଜୈବବିଘଟନଯୋଗ୍ୟ ଚପଲ ବିକଶିତ କରିଛନ୍ତି । ସାଧାରଣତଃ ନମନୀୟ ପ୍ଲାଷ୍ଟିକ୍‌ରୁ ନିର୍ମିତ ଚପଲ ଓ ଅନ୍ୟ ଜୋତାର ବଜାର ଆବଶ୍ୟକତା ପୂରଣ କରିବା ପାଇଁ ବିଶେଷଜ୍ଞମାନେ ଆଲ୍‌ଗେ ତେଲରୁ ନିର୍ମିତ ପଲିଉରେଥେନ୍ ଫୋମ୍ ତିଆରି କରିଛନ୍ତି । ଶସ୍ତା ଏବଂ ସହଜରେ ମିଳୁଥିବା ଚପଲ ଓ ବିଶ୍ୱର ସବୁଠୁ ଲୋକପ୍ରିୟ ଜୋତାଗୁନିକ ସାଧାରଣତଃ କମ୍ ସମୟ ପାଇଁ ବ୍ୟବହୃତ ହୁଏ । ଦୁର୍ବଳ ସାମଗ୍ରୀ ବ୍ୟବହୃତ ହୋଇଥିବାରୁ ସେଗୁଡ଼ିକୁ ଫିଙ୍ଗିଦିଆଯାଏ । ଏହାପରେ ଚପଲଗୁଡ଼ିକ ବିଘଟିତ ହେବାକୁ ଶହ ଶହ ବର୍ଷ ଲାଗିଯାଏ । ଇତିମଧ୍ୟରେ ସେଗୁଡ଼ିକ ସମୁଦ୍ର ମଧ୍ୟରେ ପ୍ରବେଶ କରେ, ଫଳରେ ପାଣିକୁ ଦୂଷିତ କରି ସାମୁଦ୍ରିକ ଜୀବନକୁ ବିପଦରେ ପକାଏ । କିନ୍ତୁ ସଦ୍ୟ ବିକଶିତ ଏହି ଚପଲରେ ବ୍ୟବହୃତ କମର୍ସିଆଲ-ଗ୍ରେଡ୍ ଫୋମ୍ ମାତ୍ର ୧୬ ସପ୍ତାମ ମଧ୍ୟରେ ଖତ ଓ ମାଟିରେ ବିଘଟିତ ହୋଇଯାଏ । ଅର୍ଥାତ ଯଦି ଏହାକୁ ଉତ୍ପାଦର ସମୟସୀମାର ଅନୁରୂପ ହେବା ଉଚିତ । ଉତ୍ପାଦ ବର୍ଷେ କିମ୍ବା ଦୁଇ ବର୍ଷ ବ୍ୟବହାର କରିବା ପରେ ସେଥିରେ ବ୍ୟବହୃତ ଉପକରଣ ୫୦୦ ବର୍ଷ ପଡ଼ିନରହୁ ବୋଲି ବୈଜ୍ଞାନିକମାନେ ଚାହୁଁଥିଲେ । ସେଥିପାଇଁ ଏଭଳି ଏକ ଜୈବବିଘଟନଯୋଗ୍ୟ ଚପଲ ପ୍ରସ୍ତୁତିକୁ ଜୋର ଦେଇଥିବା ୟୁନିଭର୍ସିଟି ଫ୍ କାଲିଫର୍ନିଆ ସାନ୍ ଡିଗୋ (ୟୁସିଏସ୍‌ଡି)ର ଷ୍ଟିଫେନ୍ ମେଫିଲ୍ଡ କହିଛନ୍ତି । ଏହି ୟୁନିଭର୍ସିଟି ଦ୍ୱାରା ପ୍ରସ୍ତୁତ ଚପଲର ଫୋମ୍ ପ୍ରାକୃତିକ ପରିବେଶରେ ବିଘଟିତ ହୋଇଥାଏ । ଏ ନେଇ ଶତାଧିକ ଥିଓରି ପରୀକ୍ଷା କରିବା ପରେ ଏହି ବ୍ୟବସାୟିକ ଉପକରଣ ସେମାନଙ୍କ ଆବଶ୍ୟକତା ପୂରଣ କରିଛି । ଏହି ଫୋମ୍‌ରେ ୫୨ ପ୍ରତିଶତ ଜୈବ ଉପାଦାନ ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ବୈଜ୍ଞାନିକମାନେ ୧୦୦ ପ୍ରତିଶତ ଜୈବ ଉପାଦାନ ପ୍ରୟୋଗ କରିବେ ବୋଲି ମେଫିଲ୍ଡ କହିଛନ୍ତି । ପ୍ରାକୃତିକ ପରିବେଶରେ ବିଘଟିତ ହୋଇପାରୁଥିବା ପଲିଉରେଥେନ୍ ଉତ୍ପାଦର ବିକାଶ ନିମନ୍ତେ ଆମେରିକୀୟ ଷ୍ଟାର୍ଟଅପ୍ କମ୍ପାନୀ ଆଲ୍‌ଗେନସିସ୍ ମ୍ୟାଟରିଆଲ ସହିତ ୟୁସିଏସ୍‌ଡି ସହବନ୍ଧିତ ହୋଇଛି ।

## ବ୍ରେଡ୍ ରସମଲାଇ

ରସମଲାଇ ପଶ୍ଚିମବଙ୍ଗର ଏକ ପ୍ରସିଦ୍ଧ ରେସିପି । ଯଦି ଆପଣଙ୍କ ଘରକୁ ଅଚାନକ ଅତିଥି ଆସିଗଲେ ତେବେ ଏପରି ସମୟରେ କମ୍ ସମୟ ମଧ୍ୟରେ ବ୍ରେଡ୍ ରସମଲାଇ ତିଆରି କରିପାରିବେ ।

**ଆବଶ୍ୟକ ସାମଗ୍ରୀ:**

ବ୍ରେଡ୍-୪ ପିସ୍, କ୍ଷୀର-୧ ଲିଟର, ଚିନି-୧୫୦ ଗ୍ରାମ୍, କାଜୁ-୧୦ଟି, ପିସ୍ତା-୮ଟି, ଆଲମଣ୍ଡ-୧୦ଟି, କେଶର-ଅଳ୍ପ ।

**ପ୍ରଣାଳୀ:**

ପ୍ରଥମେ ତେଜ୍ ଆଞ୍ଚରେ କ୍ଷୀରକୁ ଫୁଟାଇବା ପରେ ଫ୍ଲେମ୍ କମ୍ କରି ମଧ୍ୟମ ଆଞ୍ଚରେ କ୍ଷୀରକୁ ଅଧା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ମଝିରେ ମଝିରେ କ୍ଷୀରକୁ ଚଲାଇବା ଉଚିତ । ଏବେ କ୍ଷୀରରେ ଚିନି ଓ ଅଳ୍ପ ଡ୍ରାଏ ଫ୍ରୁଟ୍‌ସ କାଟି ପକାନ୍ତୁ । ବାକି ଡ୍ରାଏ ଫ୍ରୁଟ୍‌ସକୁ ଗାର୍ନିଶ ପାଇଁ ରଖିଦିଅନ୍ତୁ । ବର୍ତ୍ତମାନ କ୍ଷୀରକୁ ଫୁଟାଇ ଚାରିଭାଗରୁ ଏକ ଭାଗ କରିବାର ଅଛି । ମଝିରେ ମଝିରେ ଚଲାଉଥିବା ଆବଶ୍ୟକ । ସାଇଡ୍‌ରେ ଲାଗୁଥିବା କ୍ରିମ୍‌କୁ ମଧ୍ୟ ଛଡ଼ାଉଥିବା ଉଚିତ । କ୍ଷୀର ଏକଭାଗ ହୋଇଯିବା ପରେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ ଓ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ଏବେ ବ୍ରେଡ୍‌କୁ କୌଣସି ଗିନା ବା କଟରରେ କାଟି ଦିଅନ୍ତୁ । କ୍ଷୀର ଥଣ୍ଡା ହୋଇଯିବା ପରେ ବ୍ରେଡ୍‌କୁ ପକାଇ ସାବଧାନତାର ସହିତ ପାଲଟାଇ ଦିଅନ୍ତୁ । ବ୍ରେଡ୍ ଚାରିପଟରେ କ୍ଷୀର ଲାଗିଯିବା ପରେ ଏକ ପ୍ଲେଟରେ ବ୍ରେଡ୍ ରଖି ତା' ଉପରେ କ୍ଷୀର ଢାଳନ୍ତୁ । ଏବେ କିଛି ଡ୍ରାଇ ଫ୍ରୁଟ୍‌ସ ତା' ଉପରେ ପକାଇ ଗାର୍ନିଶ କରନ୍ତୁ ।





## ଡର୍ କେ ଆଗେ ଜିତ୍



ଭୟକୁ ରାସ୍ତାର ଅବରୋଧକ ବୋଲି କହନ୍ତି ଶୁଦ୍ଧ ଦେଶୀ ଗର୍ଲ ବାନି କପୁର । ତାଙ୍କ ମତରେ, ଭୟ ଆରମ ସବୁଠୁ ବଡ଼ ଶତ୍ରୁ । ଏହି ଭୟ ଦୂର କରିବାକୁ ସେ କଠିନ ପରିଶ୍ରମ କରୁଛନ୍ତି । ଏକଥା ନିଜେ ବାନି ମିଡିଆ ସାମ୍ନାରେ ସ୍ପଷ୍ଟ କରିଛନ୍ତି । କେବଳ ଭୟ ସହିତ ନ ବଞ୍ଚିବା ପାଇଁ ଖୁବ୍ କଠିନ ପରିଶ୍ରମ କରୁଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଭୟ ତ୍ୟାଗ କରିବା ଉଚିତ ବୋଲି ସେ କହିଛନ୍ତି । ବାନିଙ୍କୁ ଆଗକୁ ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ । ଫିଲ୍ମ 'ଶମ୍‌ଶେରା'ରେ ରଣବୀର କପୁରଙ୍କ ଆପୋଜିଟ୍‌ରେ ସେ ନଜର ଆସିବେ । ଏଥିସହ ଫିଲ୍ମ 'ବେଲ ବଟମ୍'ରେ ମଧ୍ୟ ତାଙ୍କୁ କାଷ୍ଟ କରାଯାଇଛି । ନିକଟରେ ଅଭିଷେକ କପୁରଙ୍କର ଏକ ଫିଲ୍ମରେ ବାନିଙ୍କୁ ସାଇନ୍ କରାଯାଇଛି । ଏଥିରେ ତାଙ୍କ ବିପକ୍ଷରେ ନାୟିକା ଭୂମିକା ନିର୍ବାହ କରିବେ ଆୟୁଷ୍ମାନ ଖୁରାନା । ସିନେ ଇଣ୍ଡଷ୍ଟ୍ରିରେ ବାନିଙ୍କ କ୍ୟାରିଅର୍ ଗ୍ରାଫ୍ ଖାସ୍ ଭଲ ନୁହେଁ । ରଣବୀର ସିଂହଙ୍କ ସହ ତାଙ୍କ ଫିଲ୍ମ 'ବେଫିକ୍‌ରେ' ସୁପର୍ ଫ୍ଲପ୍ ହୋଇଥିଲା, ଯେଉଁଥିପାଇଁ ବାନି ଖୁବ୍ ସମାଲୋଚନାର ଶିକାର ହୋଇଥିଲେ । ତା' ପରଠୁ ସେ ଖୁବ୍ ସିରିୟସ୍ ଅଛନ୍ତି । ଏବେ ସୁଦ୍ଧା ତାଙ୍କ ହାତକୁ ଯେତିକି ପ୍ରୋଜେକ୍ଟ ଆସିଛି, ସବୁଥିରେ ସେ ଝାଳବୁହା ପରିଶ୍ରମ କରୁଛନ୍ତି । କଠିନ ପରିଶ୍ରମ ହିଁ ଭୟଠୁ ଦୂରରେ ରହିବାର ଏକମାତ୍ର ବିକଳ୍ପ ବୋଲି ସେ କହୁଛନ୍ତି । ଏବେ ଦର୍ଶକ ବାନିଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟକୁ ନେଇ ଉତ୍ସାହିତ ଅଛନ୍ତି, କାରଣ ଏସବୁ ଫିଲ୍ମରେ ନାୟିକାଙ୍କ ସହ ସେ ପ୍ରଥମ ଥର ଯୋଡ଼ି ରଚିବେ ।

# ୭ ଲକ୍ଷ ଗୃହ ନିର୍ମାଣ , ଦୈନିକ ୧୫ ଲକ୍ଷ ଶ୍ରମ-ନିଯୁକ୍ତି ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୮ (ନି.ପ୍ର): ବିଶ୍ୱ ମହାମାରୀ କୋଭିଡ୍ ନିମନ୍ତେ ଲାଗୁ କରାଯାଇଥିବା ସଟଡ଼ାଉନ୍ ଓ ଲକଡ଼ାଉନ୍ ସମ୍ବନ୍ଧିତ ଅସୁବିଧା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ଗ୍ରାମୀଣ ଆବାସ ଓ ଶ୍ରମ ନିଯୁକ୍ତି ଯୋଜନାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଡ଼ିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡିଛି । ଚଳିତ ଆର୍ଥିକ ବର୍ଷରେ ୫ ଅଗଷ୍ଟ ସୁଦ୍ଧା ୧ ଲକ୍ଷ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ୪୪,୦୦୦ ଗୃହ ସଂପୂର୍ଣ୍ଣ ହୋଇଥିଲା। ଚଳିତ ବର୍ଷ ଶେଷସୁଦ୍ଧା ୭ ଲକ୍ଷ ଗୃହ ନିର୍ମାଣ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ ।ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ ଶେଷ ସହ ନିର୍ମାଣର ଗୁଣାତ୍ମକମାନ ନିଶ୍ଚିତ କରାଇବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଗ୍ରାମସଭା ମାଧ୍ୟମରେ ତିଆରି ହୋଇଥିବା ପକ୍କାଘର ପାଇଁ 'ୱେଟିଂ ଲିଷ୍ଟ' ରେ ପ୍ରାୟ ୫୭,୦୦୦ ଭୂମିହୀନ ପରିବାର ଅଛନ୍ତି ବୋଲି ସମୀକ୍ଷାରୁ ଜଣା ପଡିଥିଲା। ଏମାନଙ୍କୁ ତୁରନ୍ତ ଘରବାଡି ଯୋଗାଇଦେଇ ପକ୍କାଘର ମଂଜୁର କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ପ୍ରଚଳିତ ରାଜସ୍ୱ ବିଭାଗ ନିୟମ ଅନୁସାରେ ଜମି ଯୋଗାଯାଇ ପାରୁନଥିବା ପରିବାରମାନଙ୍କ ବିବରଣୀ ସରକାରଙ୍କ ନିକଟକୁ ତୁରନ୍ତ ପଠାଇବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ, ଯେପରିକି ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇ ପାରିବ । ବର୍ଷା ଋତୁରେ ଅଧିକ ଶ୍ରମ-ନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା । ଚଳିତ ବର୍ଷ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ହାରାହାରି ଦୈନିକ ୮.୫ ଲକ୍ଷ ଶ୍ରମ-ଦିବସ ସୃଷ୍ଟି କରାଯାଇ ପାରୁଛି। ଏହାକୁ ମାସ ଶେଷ ସୁଦ୍ଧା ୧୫ ଲକ୍ଷ ଶ୍ରମ- ଦିବସକୁ ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେଥିରୁ ୫ ଲକ୍ଷ ଶ୍ରମ-ଦିବସ ବିଭିନ୍ନ ବିଭାଗ ଏବଂ ୧୦ ଲକ୍ଷ ଶ୍ରମ-ଦିବସ ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମାଧ୍ୟମରେ ସୃଷ୍ଟି କରାଯିବ । ପ୍ରତି ଗ୍ରାମ ପାଇଁ ଅନ୍ୟୁନ ୫ ରୁ ୬ ଟି ଶ୍ରମ ନିଯୁକ୍ତି ଭିତିକ ପ୍ରକଳ୍ପ ମଂଜୁର କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ପଂଚାୟତି ରାଜ ଏବଂ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମିଶନ ନିର୍ଦ୍ଦେଶକ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍, ପାନୀୟ ଜଳ ନିର୍ଦ୍ଦେଶକ ଶ୍ରୀ ବି.ପରମେଶ୍ୱରନ୍, ପଂଚାୟତି ରାଜ ନିର୍ଦ୍ଦେଶକ ଶ୍ରୀ ଉମାକାନ୍ତ ତ୍ରିପାଠୀ ପ୍ରମୁଖ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ବି.ଡ଼ି.ଓ ଏବଂ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଭିଡ଼ିଓ କନଫେରେନସିଂ ମାଧ୍ୟମରେ ବାସ୍ତବ ସ୍ଥିତି ବିଷୟରେ ସଦ୍ୟତନ ସୂଚନା ଦେଇଥିଲେ।

# ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗୃହୀତ ହେଲା ୧୦୫ ୟୁନିଟ ରକ୍ତ

ବାରିପଦା,୧୧।୮ (ନି.ପ୍ର): ବର୍ତ୍ତମାନ କରୋନା ମହାମାରୀରୁ ମୁକୁଳିବା ନିମନ୍ତେ ଜନସାଧାରଣ ସଂଗ୍ରାମ ଚଳାଇଥିବା ବେଳେ ଚିକିତ୍ସାଳୟ ଗୁଡ଼ିକରେ ଥିବା ରେଡ଼କ୍ରସ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହୋଇଛି । ଥାଲେସେମିଆ ଭଳି ରୋଗ ଓ ଜରୁରୀ ଅସ୍ତ୍ରୋପଚାର ସମୟରେ ରୋଗୀ ରକ୍ତ ଅଭାବରୁ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସ୍ଥଳ ବିଶେଷରେ ରୋଗୀର ଜୀବନ ଯିବାର ସମ୍ଭାବନା ଦେଖାଦେଉଛି । ତେଣୁ ରକ୍ତ ଭଣ୍ଡାରଗୁଡ଼ିକରେ ରକ୍ତର ଅଭାବକୁ ପୂରଣ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମାସ୍ଥିତ ବିଜେଡ଼ି ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନରେ ଆଜି ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ତଥା ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୧୦୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଉକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୫ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ସେମାନଙ୍କର ରକ୍ତ ଦାନ କରିଥିବା ବେଳେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଯୁବ ବିଜେଡ଼ି ଜୋନାଲ ସଭାପତି ସୁବ୍ରମଣ୍ୟମ ମହାନ୍ତି , ଯୁବ ବିଜେଡ଼ି ଜିଲ୍ଲା ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମାର୍ଣ୍ଡି, ଡ଼ା. ଆଦିତ୍ୟ ପଣ୍ଡା, ପ୍ରକାଶ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରାଇଥିବା ସମୟରେ ଶୈଳେନ୍ଦ୍ର ପାତ୍ର, କୃଷ୍ଣାନନ୍ଦ ମହାନ୍ତି, ଶ୍ରବଣ କୁମାର ଗୋପ, ଅରୁଣ ବରାଡ଼, ପ୍ରଭାତ ନାୟକ, ସ୍ୱରୂପ ଦାସ, ଛାତ୍ର ସଭାପତି ଅଭୟ ସିଂ, ଛାତ୍ର ନେତା ବିରଂଚି ମହାପାତ୍ର, ସୁନୀଲ ନାୟକ, ଆଭାସ ଦେ, ଆଶୀର୍ବାଦ ଦାସ, କପିଳ ଖଣ୍ଡେଲୱାଲ, ମାନସ ପୃଷ୍ଟି, ନାନୁ ମହାକୁଡ଼, ଦିବ୍ୟବ୍ରତ ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ଆସନ୍ତା ଅଗଷ୍ଟ ୧୨, ୧୩ ଓ ୧୫ ତାରିଖରେ ବିଜେଡ଼ିର ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଯୁବ ଓ ଛାତ୍ର ଜନତା ସଂଗଠନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହେବାକୁ ଯାଉଛି ବୋଲି ଜଣାପଡ଼ିଛି ।

## ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୮ (ନି.ପ୍ର): ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ତାଙ୍କର ଜନ୍ମ ଦିନରେ ଶୁଭକାମନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି ଶ୍ରୀ ସୋରେନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ୧୨୮ଜଣ ମାସ୍କ ପିନ୍ଧି ନ ଥିବାରୁ ଜୋରିମାନା

ଭୁବନେଶ୍ୱର,୧୧।୮ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୧୨୮ଜଣ ମାସ୍କ ପିନ୍ଧି ନ ଥିବା କାରଣରୁ ଜୋରିମାନା ଆଦାୟ ହୋଇଛି । ସେହିପରି ଏହି ସମୟ ମଧ୍ୟରେ ୪୩୮ ଜଣ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବା ନେଇ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ପୋଖରୀରେ ବୁଡ଼ି ଭାଇ ଭଉଣୀଙ୍କ ମୃତ୍ୟୁ

ଗଞ୍ଜାମ,୧୧।୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ବୀରେଶ୍ୱର ଗ୍ରାମ ପୋଖରୀରେ ବୁଡ଼ି ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି । ସେହି ଗ୍ରାମର ଶିବ ମହାପାତ୍ରଙ୍କ ଘର ପୋଖରୀ କୂଳରେ ରହିଛି । ଶିବଙ୍କ ପୁଅ ବାଦଲ ୭ ବର୍ଷ ଓ ୪ ବର୍ଷର ଝିଅ ଗଜଲ୍ ଆଜି ଅପରାହ୍ନ ସାଢ଼େ ୨ଟା ସମୟରେ ଘର ବାରଣ୍ଡାରେ ଖେଳୁଥିଲେ । କେତେବେଳେ ସେମାନେ ପୋଖରୀକୁ ଯାଇ ବୁଡି ଯାଇଥିଲେ ସେ ସମ୍ପର୍କରେ ପରିବାର ଲୋକେ ଜାଣିପାରିନଥିଲେ । ଏହାର କିଛି ସମୟ ପରେ ଉଭୟଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକ ଦୁହିଁଙ୍କୁ ଉଦ୍ଧାର କରି ଛତ୍ରପୁର ଡ଼ାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡ଼ାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଛତ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ବାଳକ ବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି ।

# ବିଧାୟକ ସୁରେଶ କୁମାର ରାଉତରାୟଙ୍କ ୭୭ ତମ ଜନ୍ମ ଦିବସ ପାଳିତ

ଭୁବନେଶ୍ୱର,୧୧।୮ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କର ୭୭ ତମ ଜନ୍ମ ଦିବସ ତାଙ୍କ ଭୁବନେଶ୍ୱର ବାସଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ରକ୍ତଦାନ ଶିବିରକୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିବା ସହ ଶ୍ରୀ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପରେ ମାଉସୀମା ମନ୍ଦିର ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ବୃକ୍ଷରୋପଣ କରିଥିଲେ। ଶ୍ରୀ ରାଉତରାୟଙ୍କ ଜନ୍ମଦିନ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ସକାଳେ ଲିଙ୍ଗରାଜ ମନ୍ଦିର, ରାମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ଦୀପଦାନ କରାଯାଇଥିଲା। ପୂର୍ବାହ୍ନରେ ଜଟଣୀ ରେଳବାଇ ହସ୍‌ପିଟାଲ ସମେତ ଜଟଣୀ ହସ୍‌ପିଟାଲ ଏବଂ ପୁରୁଣା ଭୁବନେଶ୍ୱରସ୍ଥିତ ମ୍ୟୁନିସିପାଲିଟି ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଥିଲା। ଏହି ଅବସରରେ ଗରିବ, ଅବହେଳିତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦଳମତ ନିର୍ବିଶେଷରେ ସମସ୍ତ ଯୁବ ଛାତ୍ର ମହିଳା ଏବଂ ଶୁଭେଚ୍ଛୁମାନେ ଯୋଗଦେଇ ସଫଳ କରିଥିଲେ। ଅପରାହ୍ନରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଶ୍ରୀ ରାଉତରାୟ ଜନ୍ମଦିନର କେକ୍ କାଟିବା ପରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପରେ କଂଗ୍ରେସ ଭବନ ପରିସରରେ ଶ୍ରୀ ରାଉତରାୟ ବୃକ୍ଷରୋପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ – ୧୯ ର ନିୟମାବଳୀ ଅନୁସାରେ କରାଯାଇଥିଲା ଏବଂ ସୁର ରାଉତରାୟ ଜୟନ୍ତୀ କମିଟିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଆରୋଗ୍ୟ କାମନା କଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ନୂଆଦିଲ୍ଲୀ, ୧୦ ଅଗଷ୍ଟ (ହି.ସ.) । ଦେଶର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କରୋନା ଆକ୍ରାନ୍ତ ହେବା ପରେ ତାଙ୍କର ଆରୋଗ୍ୟ କାମନା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ସେ ଟ୍ୱିଟ କରି ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିବା ସହ ତାଙ୍କର ଉତମ ସ୍ୱାସ୍ଥ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ କାମନା କରିଛନ୍ତି ।

# ବନ୍ତ ବ୍ଲକରେ ଉପଜିଲ୍ଲାପାଳଙ୍କ କୋଭିଡ୍ ସମୀକ୍ଷା

ଭଦ୍ରକ, ୧୧/୮(ହି.ସ.) - ବନ୍ତ ବ୍ଲକ ଅଧିନ ବିଭିନ୍ନ ପ ।ୟତରେ କୋଭିଡ୍ ସଂକ୍ରମିତ ମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ପ୍ରଶାସନିକ ସ୍ତରରେ ଏନେଇ ତତ୍ପରତା ପ୍ରକାଶ ପାଇଛି । ଉଦ୍ରକ ଉପଜିଲ୍ଲାପାଳ ପିତାମ୍ବର ସାମଲ ବ୍ଲକ ଗ୍ରସ୍ତରେ ଆସି କୋଭିଡ୍ ସ୍ଥିତିର ସମୀକ୍ଷା କରିଥିଲେ । ବୈଠକରେ ବିଡିଓ ରେବେକା ବିଲୁଙ୍ଗ, ତହସିଲଦାର ଇନ୍ଦିରା ସାହୁ, ବନ୍ତ ଆଇଆଇସି ମିନା ବିନ୍ଧାଣୀ ଯୋଗ ଦେଇ ପ୍ରଶାସନିକ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ । ଘରେ ଘରେ ଆଶା, ଅଙ୍ଗନୱାଡି କର୍ମୀ ମାନଙ୍କ ଦ୍ୱାରା ନିୟମିତ ସର୍ବେକ୍ଷଣ କରାଯାଇ କୋଭିଡ୍-୧୯ ଆଂଟିଜେନ୍ ଟେଷ୍ଟ କରାଇବା, କ୍ଲଷ୍ଟର ଟି.ଏମ୍.ସି ଏବଂ ପ୍ରତି ପ ।ୟତରେ କୋଭିଡ୍ ହୋମ କେୟାର ବ୍ୟବସ୍ଥା କରାଯାଇଥିବା ବିଷୟରେ ଅବଗତ କରାଇଥିଲେ । ଏଥିସହିତ ଗ୍ରାମ୍ୟ କୋଭିଡ୍ ପରିଚାଳନା କମିଟି ମାଧ୍ୟମରେ କିପରି ଲୋକ ମାନଙ୍କୁ ସାବୁନ୍‌ରେ ହାତ ଧୋଇବା, ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା ବିଷୟରେ ସଚେତନ କରାଯାଉଛି ସେ ସଂପର୍କରେ ଅବଗତ କରାଯାଇଥିଲା । କୋଭିଡ୍ ନିୟମ ଅନୁଯାୟୀ ଆଇନ ଉଲଂଘନକାରୀ ମାନଙ୍କୁ ଜୋରିମାନା କରାଯାଉଥିବା ସଂପର୍କରେ ଅବଗତ କରାଯାଇଥିଲା । ଉପଜିଲ୍ଲାପାଳ କୋଭିଡ୍-୧୯ ଗାଇଡ୍ ଲାଇନ୍‌କୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷେ ବିଭିନ୍ନ ବଜାରରେ ମାଜିଷ୍ଟ୍ରେଟ୍ ଏବଂ ପୋଲିସ ନିଷ୍ଠାର ସହିତ ଉପସ୍ଥିତ ରହି ଗାଇଡ୍ ଲାଇନ୍ କାର୍ଯ୍ୟକାରୀ କରାଇବାକୁ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବି ମାନେ ଦାବୀ କରିଛନ୍ତି ।

# ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ଜେଲ୍‌ଭରୋ ଆନ୍ଦୋଳନ

ଭଦ୍ରକ, ୧୧/୮ (ହି.ସ.) - ଭଦ୍ରକରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ମୋଦି ହଟାଓ ଭାରତ ବଂଚାଓ ଦିବସରେ ଜେଲଭେରୋ ଆନ୍ଦୋଳନ ଏବଂ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଟୁନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ସମର ବଳ, ରମେଶ ଯେନା, ରାଧା ଦାସ, ରାମଚନ୍ଦ୍ର ଶଙ୍ଖୁଆ, ସୁବାଶିଷ ନାୟକ ପ୍ରମୁଖ ଶ୍ରମିକନେତା ଏହି ଜେଲଭେରୋ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। କେନ୍ଦ୍ରୀୟ ଶ୍ରମିକ ସଂଗଠନ ସିଆଇଟିୟୁ, ଏଆଇସିସିଟିୟୁ,ଏଆଇୟିୟୁସି, ଏଆଇୟୁଟିୟୁସି, ଆଇଏନଟିୟୁସି, ବ୍ୟାଙ୍କ ଓ ବୀମା ସଂଗଠନର ଶ୍ରମିକନେତାମାନେ ଏହି ଜେଲଭେରୋ ଆନ୍ଦୋଳନରେ ସାମିଲ ହୋଇ ଦେଶବିରୋଧି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା। ଦେଶର ମୋଦି ସରକାରଙ୍କର ଶ୍ରମିକବିରୋଧି ନୀତି ଓ କରୋନା ମହାମାରୀକୁ ମୁକାବିଲା କରିବାର ବିଫଳତାକୁ ବିରୋଧ କରି ଦେଶବ୍ୟାପୀ ପ୍ରତିବାଦ କରାଯାଇଅଛି। କରୋନା ମହାମାରୀ ସମୟରେ ଦୀର୍ଘବର୍ଷ ଧରି ପ୍ରଚଳିତ ଶ୍ରମଆଇନ୍‌କୁଡିକ ସଂଶୋଧନ କରାଯାଇଛି। ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ନିର୍ଘ ୮ଘଂଟା ପରିବର୍ତେ ୧୨ ଘଂଟା କରିବା ପାଇଁ ନିର୍ଦ୍ଦେଶନାମା ଜାରୀ କରାଯାଇଛି। ପ୍ରବାସୀ ଶ୍ରମିକମାନଙ୍କୁ ଥଇଥାନ କରିବା, ସଫେଇ କର୍ମଚାରୀମାନଙ୍କର ପଚାଶ ଲକ୍ଷ ବୀମା, ତାଲା ବନ୍ଦ ସମୟରେ ଶ୍ରମିମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରାଯିବା, ଇପିଏଫ, ଇଏସଆଇ ନିୟମିତ ପ୍ରଦାନ କରାଯାଉବୋଲି ଦାବୀ କରାଯାଇଥିଲା। ସେହିପରି, କରୋନା ସହାୟତା ୧୫ଶହଟଙ୍କା ବାକି ରହିଥିବା ନିର୍ମାଣ ଶ୍ରମିକମାନଙ୍କୁ ପ୍ରଦାନ କରାଯିବା,ରେଳବାଇକୁ ଘରୋଇ କରଣ ବନ୍ଦ କରିବା, ଶ୍ରମକୋର୍ଡ ଆଇନ୍ ବାତିଲ କରିବା, ଆୟକର ନଥିବା ପ୍ରତ୍ୟେକ ପରିବାରକୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିବା ଏବଂ ସମାନ କାମକୁ ସମାନ ମଜୁରୀକୁ ଦାବୀ କରଯାଇଥିଲା। ଏତଦ୍ ବ୍ୟତୀତ କୋଭିଡ୍ ଯୋଦ୍ଧା ଭାବରେ କାର୍ଯ୍ୟରତ ସଫେଇ କର୍ମଚାରୀ, ଅଙ୍ଗନୱାଡି, ଆଶା, ମଧ୍ୟାହ୍ନ ଭୋଜନ ପାଚିକା, ୧୦୮ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ପାଇଁ ସରକାର ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯିବାକୁ ଶ୍ରମିକ ନେତାମାନେ ଦାବୀ କରିଥିଲେ। ସମସ୍ତଙ୍କୁ ଅତିକମ୍‌ରେ ଛଅମାସ ପାଇଁ ମୁଣ୍ଡପିଛା ୧୦ କିଲୋ ଖାଦ୍ୟସଶ୍ୟ ,ପ୍ରତ୍ୟେକ ଆୟକର ପ୍ରଦାନ କରୁ ନ ଥିବା ପରିବାରକୁ ଛଅମାସ ପାଇଁ ମାସିଆ ୭ହଜାର ୫ଶହ ଟଙ୍କାର ସହୟତା ଯୋଗାଇ ଦେବାକୁ ଶ୍ରମିକ ସଂଗଠନର ଦାବୀ କରାଯାଇଥିଲା। ଏହି ସଭାରେ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଚନ୍ଦ୍ରଶେଖର ନାୟକ,ପ୍ରଭାସ ମହାପାତ୍ର , ନିରଞ୍ଜନ ପାଣି,ରବିନ୍ଦ୍ର ବାରିକ୍, ପୂର୍ଣ୍ଣଚନ୍ଦ୍ର ଦାସ, ରାମାକାନ୍ତ ଦାସ, ସଂଗ୍ରାମ ବଳ, ରବିନ୍ଦ୍ର ସେଠୀ, ବିଦ୍ୟାଧର ବାରିକ୍, ନୃସିଂହ ଦାସ ,ମଳୟ ଭୋଇ, ବିଷ୍ଣୁ ଦାସ, ବ୍ୟାଙ୍କ କର୍ମଚାରୀ ସଂଘର ନେତା ଜଗନ୍ନାଥ ରାଉତ, ବୀମା କର୍ମଚାରୀ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ଦାସ ଓ ନବ ବେହେରା ଓ ଜିଆଇସି କାଳନ୍ଦ୍ରୀ ପାତ୍ର, ଆଜମଲ୍ ହୁସେନ୍,ହଲିମା ବିବି,କିଶୋର ଜେନା, ସୀତା ଜେନା, ସେକ୍ କମର, ମାକଣ୍ଡ ଜେନା ଓ ମଂଟୁ ମୁଣ୍ଡା, ପ୍ରତାପ ସେଠୀ ,ସେକ୍ କାଲା, ସେକ୍ କାଲୁ, ଶାନ୍ତି ନାୟକ, ବାସନ୍ତି ବେହେରା, ପ୍ରଫୁଲ ପାଢୀ, ଜୟନ୍ତି ବିଶ୍ୱାଳ, ସୀତା ଦାସ, ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ।

# ପ୍ରତି ଜିଲ୍ଲା ପାଇଁ ନୋଡାଲ୍ ଅଧିକାରୀ ନିୟୋଜିତ କରାଯାଇଛି : ଗଣଶିକ୍ଷା ସଚିବ

ଭୁବନେଶ୍ୱର,୧୧।୮ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ବ୍ୟବସ୍ଥାକୁ ଚଳଚଂଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି । ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିୟୋଜିତ କରାଯାଇଛି। ଏଥିରେ ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକମାନେ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମକୁ ତଦାରଖ କରିବେ। ପ୍ରତ୍ୟେକ ସୋମବାର ଦିନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭାଗର ସମସ୍ୟା ସଂପର୍କରେ ଆଲୋଚନା କରିବେ। ଆଜି ଏହି ପରିପ୍ରେକ୍ଷୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ବିଭାଗର ସମସ୍ତ ନିର୍ଦ୍ଦେଶକ, ଅତିରିକ୍ତ ଯୁଗ୍ମ ଶାସନ ସଚିବମାନଙ୍କ ସହିତ ବିଭାଗର ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି । ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବିଭିନ୍ନ ପଦୋନ୍ନତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଖାଲିଥିବା ପଦବୀଗୁଡ଼ିକୁ ପଦୋନ୍ନତି ଦିଆଯାଇ ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ଚିଠା ପ୍ରସ୍ତୁତ କରାଯାଇଛି । ଚଳିତ ବର୍ଷ କୋଭିଡ୍-୧୯ ଯୋଗୁଁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ପାଠ୍ୟକ୍ରମକୁ ଚଳିତ ବର୍ଷ କମ କରିବା ପାଇଁ ପ୍ରମୁଖ ଶାସନ ସଚିବ ବିଭାଗୀୟ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ସଂସ୍ଥା (ଓସେପା), ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ନିର୍ଦ୍ଦେଶକ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ସମସ୍ତ ଅତିରିକ୍ତ ଶାସନ ସଚିବ ଓ ଅର୍ଥ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ ।

## ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୮ (ନି.ପ୍ର): ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ, ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୀତଗୋବିନ୍ଦ ଆବୃତ୍ତିର ଅନନ୍ୟ ଶୈଳୀ ସହ ଶାସ୍ତ୍ରୀୟ କଣ୍ଠଶିଳ୍ପୀ,ସଂଯୋଜକ ଏବଂ ଓଡ଼ିଶୀ ସଂଗୀତଜ୍ଞ ଭାବେ ନିଜର ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ସେ କହିଛନ୍ତି ।

# ବାଗ୍‌ଚୀ ଦମ୍ପତିଙ୍କର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭.୫୦ କୋଟି ଟଙ୍କା ଦାନ

ଭୁବନେଶ୍ୱର,୧୧।୮ (ନି.ପ୍ର): 'ମୋ ସ୍କୁଲ' ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଓ ଓଡିଶା ଦକ୍ଷତା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ସୁବ୍ରତ ବାଗ୍‌ଚୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭.୫୦ କୋଟି ଟଙ୍କା ଦାନ କରିଛନ୍ତି। କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ପୁରୀ ଜିଲ୍ଲାର ଅସହାୟା ବୃଦ୍ଧା ମହିଳାମାନଙ୍କ ପାଇଁ ଏହି ସହାୟତା ବିନିଯୋଗ ହେବ।

ଶ୍ରୀମତୀ ଓ ଶ୍ରୀ ବାଗ୍‌ଚୀଙ୍କ ଏହି ଉଦାରତା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଭିଡିଓ କନଫରେନ୍ସି ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଏହି ପରିମାଣର ଚେକ୍ ଗ୍ରହଣ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଧନ୍ୟବାଦ ପତ୍ର ସେମାନଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ବାଗ୍‌ଚୀ କହିଥିଲେ ଯେ ଓଡିଶା ବାସୀ ଯେତେବେଳେ ଇଚ୍ଛା ହୁଏ ସେତେବେଳେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥାନ୍ତି। ମନ୍ଦିର ବନ୍ଦ ହେବା ପରେ ମନ୍ଦିର ନିକଟରେ ଓ ପୁରୀ ସହରରେ ଛୋଟ ଛୋଟ ଦୋକାନ କରି ପେଟ ପୋଷୁଥିବା ମା' ମାଉସୀ ମାନଙ୍କ ସହାୟତା ପାଇଁ ଏହି ଅନୁଦାନ ପ୍ରଦାନ କରି ସେ ନିଜକୁ ଧନ୍ୟ ମନେ କରୁଛନ୍ତି। ପୁରୀ ଜିଲ୍ଲାପାଳ ଶ୍ରୀ ବଲଓ୍ୱନ୍ତ ସିଂ କହିଥିଲେ ଯେ ପୁରୀ ର ଅସହାୟ ମହିଳା ମାନଙ୍କ କଲ୍ୟାଣ ପାଇଁ ଏହା ବିନିଯୋଗ ହେବ ।ସୂଚନାଯୋଗ୍ୟ ଯେ ପୂର୍ବରୁ ଶ୍ରୀମତୀ ବାଗଚୀ ବଲାଙ୍ଗୀର ର ଟିଏମସିରେ ଥିବା ମହିଳା ମାନଙ୍କ ପାଇଁ ଅଢେଇ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର, ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ ଟି) ଉପସ୍ଥିତ ଥିଲେ ।

# ଭଦ୍ରକରେ ଟ୍ରାଫିକ ସିଗନାଲିଂ ବ୍ୟବସ୍ଥା କେବେ ?

ଭଦ୍ରକ, ୧୧/୮ (ହି.ସ.) - ଭଦ୍ରକ ସହର ପାଇଁ ଟ୍ରାଫିକ୍ ସଂକେତ ଆଲୋକ ବ୍ୟବସ୍ଥା ବା ଟ୍ରାଫିକ ସିଗନାଲିଂ ବ୍ୟବସ୍ଥା ସ୍ୱପ୍ନ ହୋଇ ରହି ଯାଇଛି। ୨୦୦୫ ମସିହାରେ ତତ୍କାଳୀନ ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ବହୁ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ଏହି ବ୍ୟବସ୍ଥା ମାତ୍ର ୨ବର୍ଷ ମଧ୍ୟରେ ଅକାମୀ ହୋଇଗଲା। ଏବେ ୧୫ବର୍ଷ ପୂର୍ବର ଏହି ସିଗନାଲିଂ ଖୁଂଟ କଳଙ୍କି ଖାଇ ନଷ୍ଟ ହେଉଛି ଓ ସେଠାରେ ଥିବା ଭିତି ପ୍ରସ୍ତର ସ୍ତମ୍ଭ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ସୂଚନାଯୋଗ୍ୟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଭଦ୍ରକ ନୂଆ ବସଷ୍ଟାଣ୍ଡ ପ୍ରତିଷ୍ଠା ହେବା ପରେ ସଂପୃକ୍ତ ଅ ଳ ଅତି ବିପଦ ସଂକୁଳ ହୋଇ ପଡ଼ିଥିଲା। ବାଲେଶ୍ୱର ଓ ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ବସଗୁଡ଼ିକ ନୂଆ ବସଷ୍ଟାଣ୍ଡକୁ ଯିବାକୁ ହେଲେ ଜାତୀୟ ରାଜପଥ ଅତିକ୍ରମ କରିବାକୁ ପଡୁଥିଲା। ଏହାବ୍ୟତୀତ ସମସ୍ତ ଲୋକାଲ ରୁଟ୍‌ର ବସଗୁଡ଼ିକ ମଧ ନୂଆ ବସଷ୍ଟାଣ୍ଡକୁ ଆସୁଥିଲା। କିନ୍ତୁ ବ୍ୟସ୍ତବହୁଳ ଜାତୀୟ ରାଜପଥରେ ଶହଶହ ସଂଖ୍ୟାରେ ଭାରୀଯାନ ଚାଲୁଥିବାରୁ ବସଷ୍ଟାଣ୍ଡ ସମ୍ମୁଖ ଅଂଚଳ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇ ପଡ଼ିଥିଲା। ତେଣୁ ଯାତ୍ରୀ ଓ ବସ କର୍ମଚାରୀଙ୍କ ସୁରକ୍ଷା ଓ ନିରାପତାକୁ ନଜରରେ ରଖି ତତ୍କାଳୀନ ସାଂସଦ ଅର୍ଜୁନ ଚରଣ ସେଠୀ ଏହି ସ୍ଥାନରେ ଟ୍ରାଡଫିକ ସିଗନାଲିଂ ବ୍ୟବସ୍ଥା କରିବାକୁ ଉଚିତ ମନେ କରିବା ସହ ଏଥି ନିମିତ ପ୍ରଥମାବସ୍ଥାରେ ୧୪ଲକ୍ଷ ଟଙ୍କା ନିଜ ଆଂଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରିଥିଲେ। ୨୦୦୫ ମସିହା ନଭେମ୍ବର ମାସ ୨ତାରିଖ ଏହି ବ୍ୟବସ୍ଥାକୁ ତତ୍କାଳୀନ ରାଜ୍ୟ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ପୌରାଧ୍ୟକ୍ଷ ଇଂ ପ୍ରସାସକାନ୍ତି ସାମଲ, ଜିଲ୍ଲାପାଳ ରଶ୍ମୀରଂଜନ ପଟ୍ଟନାୟକ, ଆରକ୍ଷୀ ଅଧିକ୍ଷକ ଦୀପ୍ତେଶ ପଟ୍ଟନାୟକ, ସ୍ଥାନୀୟ ପାରିଷଦ ପ୍ରବୀର ଜେନାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଜାତୀୟ ରାଜପଥରେ ଗାଡ଼ିର ବେଗ ନିୟନ୍ତ୍ରଣ ପାଇଁ ହମ୍ପସର ନିର୍ମାଣର କୌଣସି ନିୟମ ନଥିବାରୁ ଟ୍ରାଫିକ ସିଗନାଲିଂ ବ୍ୟବସ୍ଥା ଦ୍ୱାରା ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିର ବେଗ ନିୟନ୍ତ୍ରଣ ସହିତ ଉକ୍ତ ଅ ଳକୁ ନିରାପଦ ଜୋନରେ ପରିଣତ କରିବା ଥିଲା ଉକ୍ତ ବ୍ୟବସ୍ଥାର ଲକ୍ଷ୍ୟ। ପ୍ରାୟ ଦେଢ଼ ବର୍ଷ ଧରି ଏହି ବ୍ୟବସ୍ଥା ଠିକଠାକ୍ ଚାଲିଲା। କିନ୍ତୁ ପରବର୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ସଗନାଲିଂ ବ୍ୟବସ୍ଥା ଅକାମୀ ହୋଇଗଲା। ଏହାକୁ ଚାଲୁ ରଖିବା ଦିଗରେ ପୌର କର୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ଉଚିତ ମନେ କଲେ ନାହିଁ। ବର୍ତ୍ତମାନ ସମୟରେ ବସଷ୍ଟାଣ୍ଡ ସମ୍ମୁଖରେ ଟ୍ରାଫିକ ସିଗନାଲିଂ ବ୍ୟବସ୍ଥାର ଭିତିପ୍ରସ୍ତର ସ୍ତମ୍ଭ ଅତୀତର ସ୍ମୃତି ବହନ କରୁଛି। ସିଗନାଲ ଖୁଂଟ ସବୁ କଳଙ୍କି ଖାଇ ନଷ୍ଟ ହୋଇଗଲାଣି। ଡେଥ୍ ଜୋନ କୁହାଯାଉଥିବା ଏହି ବିପଦଜନ ସ୍ଥାନରେ କୌଣସି ସମୟରେ ପୁଲିସ ମୁତୟନ ହେଉନଥିବାବେଳେ, ପୌର କର୍ତୃପକ୍ଷ ମଧ ସିଗନାଲିଂ ବ୍ୟବସ୍ଥାର ଗୁରୁତ୍ୱ ଭୂଲି ଯାଇଛନ୍ତି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ଜାତୀୟ ରାଜପଥର ଗେଲପୁର ଛକ, ଚରମ୍ପା ଡାହାଣିଗଡ଼ିଆ, ରାଣିତାଲ ଛକରେ ମଧ ଏପରି ବ୍ୟବସ୍ଥାର ବହୁତ ଆବଶ୍ୟକତା ରହିଛି। କିନ୍ତୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଉଦାସୀନ ରହି ଆସିଛି। ତେବେ ଜାତୀୟ ରାଜପଥ ପ୍ରଶସ୍ତିକରଣ ପରେ ଆବ୍ରାକ ସ୍ଥାନରେ ଟ୍ରାଫିକ ସିଗନାଲିଂ ବ୍ୟବସ୍ଥା ଆରମ୍ଭ ହେବ ତ ବୋଲି ସହରବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି।

# ନିଆଁରେ ପୋଡି ମହିଳାଙ୍କ ମୃତ୍ୟୁ

ଭଦ୍ରକ, ୧୧/୮ (ହି.ସ.) - ଆଜି ସକାଳ ପ୍ରାୟ ୮ଟା ସମୟରେ ଗ୍ରାମା ଳ ଥାନା ଅଧିନସ୍ଥ ବଣିଆ ଗ୍ରାମର ସହଦେବ ସାହୁଙ୍କ ପତ୍ନୀ ଘରେ ରୋଷେଇ କରୁଥିବା ବେଳେ ପୋଡି ହୋଇ ମୃତ୍ୟୁ ବରଣ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଛି। ସହଦେବଙ୍କ କହିବାନୁଯାୟୀ ତାଙ୍କ ପତ୍ନୀ ବିଳାସିନୀ (୪୦) ରୋଷେଇ କରୁଥିବା ବେଳେ ଅସାବଧାନତା କାରଣରୁ ତାଙ୍କ ଶାଢୀରେ ନିଆଁ ଲାଗିଯାଇଥିଲା। ତାଙ୍କ ଶରୀରର ପ୍ରାୟ ୯୫ଭାଗ ପୋଡିଯାଇଥିଲା। ତାଙ୍କୁ ତୁରନ୍ତ ଆଣି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପୂର୍ବୋତ୍ତରରେ ୮ଟି ରାଜ୍ୟରେ ୭୯,୭୦୧କରୋନା ପଜିଟିଭ

## ଗତ ୨୪ ଘଂଟାରେ ୩୪୭୭ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୧୧।୮ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସିଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧରେ ୩୪୭୭ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୯,୭୦୧ ରେ ପହଂଚିଛି । ଏଥିମଧ୍ୟରୁ ୫୪,୦୪୮ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୮୩୧ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୨୩,୬୮୭ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୨୨୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪ ଜଣ ରୋଗୀ ପୂର୍ବୋତର ବାହାରକୁ ଚାଲିଯାଇଛନ୍ତି ।

ଆସାମରେ ୨୯୦୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୬୧,୭୩୮ ହୋଇଛି । ଏଥିରୁ ୪୩,୫୮୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୨୬୧ ରୋଗୀ ସୁସ୍ଥ ହୋଇଛନ୍ତି । ୧୭,୯୯୭ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୧୫୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି ।

ତ୍ରିପୁରାରେ ୬୨ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୬୨୨୩ ରେ ପହଂଚିଛି । ଗତ ୨୪ ଘଂଟାରେ ୨୬୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ସମୁଦାୟ ୪୪୪୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୭୨୦ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୪୨ ଜଣଙ୍କର ମୃତ୍ୟୁ ଘଟିଛି ।

ମଣିପୁରରେ ୧୦୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୩୮୫୩ ରେ ପହଂଚିଛି । ୨୧୨୨ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୭୮ ଘଂଟାରେ ୧୭୨୦ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୬୯୮ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଏବେ ସୁଦ୍ଧା ୧୧ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି ।

ନାଗାଲାଣ୍ଡରେ ୨୩୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୦୧୧ ହୋଇଛି । ରାଜ୍ୟରେ ୯୭୩ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୬୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୨୦୨୭ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୮ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି ।

ଅରୁଣାଚଳ ପ୍ରଦେଶରେ ୭୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୨୨୩୧ ହୋଇଛି । ୧୫୯୨ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୧୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୩୬ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି ।

ମେଘାଳୟରେ ୫୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୧୫ ରେ ପହଂଚିଛି । ୪୯୮ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୬୧୧ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୬ ଜଣଙ୍କର ମୃତ୍ୟୁ ଘଟିଛି ।

ମିଜୋରମରେ ୧୨ ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨୦ ରେ ପହଂଚିଛି । ୨୨୩ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୨୯୭ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣେ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛି । ସିକ୍କିମରେ ୪୪ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୧୦ ରେ ପହଂଚିଛି । ୫୧୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୯୯୮ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୂର୍ବତନ ରାଷ୍ଟ୍ରପତି...

ପଜିଟିଭ୍ ଥିବା ଜଣାଇଥିଲେ । ପୂର୍ବତନ ରାଷ୍ଟ୍ରପତି ଛୋଟ ମସ୍ତିଷ୍କ ଅସ୍ତ୍ରୋପଚାର ପାଇଁ ଡାକ୍ତରଖାନା ଯାଇଥିଲେ । କରୋନା ପରୀକ୍ଷା କରାଯିବା ପରେ ସେ ପଜିଟିଭ୍ ବୋଲି ଜଣାପଡିଥିଲା ।

### ରାଜ୍ୟରେ ଆଉ...

ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ସେହିପରି ରାୟଗଡା ଜିଲ୍ଲାର ଅନ୍ୟ ଜଣେ ୪୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ ।

### ଗୋଟିଏ ଦିନରେ...

ବାଲେଶ୍ୱରରୁ ୩୨, ନୟାଗଡ ୩୧,ସୁନ୍ଦରଗଡ ୩୦,ଭଦ୍ରକ ୨୮,କେନ୍ଦ୍ରାପଡା ୨୪,ପୁରୀ ୨୨,ବରଗଡ ଓ ନୂଆପଡା ୧୦ ଜଣ ଲେଖାଏଁ, ନବରଙ୍ଗପୁରରୁ ୮, ଜଗତସିଂହପୁର ଓ କୋରାପୁଟରୁ ୭ ଜଣ ଲେଖାଏଁ , ବଲାଙ୍ଗୀରରୁ ୫ ଜଣ, ବୌଦ୍ଧରୁ ୪ , ଝାରସୁଗୁଡାରୁ ୩ ଜଣ ଓ ଦେବଗଡରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୧।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୨୭ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୩୩୧୫ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୪୩, ବାଲେଶ୍ୱର ଜିଲ୍ଲାରେ ୧୪୮୮, ବରଗଡ ଜିଲ୍ଲାରେ ୭୦୦, ଭଦ୍ରକ ଜିଲ୍ଲାରେ ୧୦୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୭୨୩ . ବୌଦ୍ଧ ଜିଲ୍ଲାରେ ୨୨୦, କଟକ ଜିଲ୍ଲାରେ ୩୨୭୮, ଦେବଗଡ ଜିଲ୍ଲାରେ ୧୦୧, ଢେଙ୍କାନାଳ ଜିଲ୍ଲାରେ ୬୮୧. ଗଜପତି ଜିଲ୍ଲାରେ ୨୦୪୦, ଜଗତସିଂହପୁର ଜିଲ୍ଲାରେ ୯୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୬୪୯, ଝାରସୁଗୁଡା ଜିଲ୍ଲାରେ ୪୬୭, କଳାହାଣ୍ଡି ଜିଲ୍ଲାରେ ୫୪୩, କନ୍ଧମାଳ ୯୩୨, କେନ୍ଦ୍ରାପଡା ଜିଲ୍ଲାରେ ୬୯୫, କେନ୍ଦୁଝର ଜିଲ୍ଲାରେ ୧୦୬୬, ଖୋର୍ଦ୍ଧା ଜିଲ୍ଲାରେ ୬୮୮୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୩୧୬ , ମାଲକାନଗିରି ଜିଲ୍ଲାରେ ୯୪୩, ମୟୁରଭଂଜ ଜିଲ୍ଲାରେ ୯୨୭. ନବରଙ୍ଗପୁର ଜିଲ୍ଲାରେ ୩୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୧୦୯୮, ନୂଆପଡା ଜିଲ୍ଲାରେ ୧୯୪ , ପୁରୀ ଜିଲ୍ଲାରେ ୧୩୧୫, ରାୟଗଡା ଜିଲ୍ଲାରେ ୧୫୮୧. ସମ୍ବଲପୁର ଜିଲ୍ଲାରେ ୧୧୯୫. ସୁବର୍ଣ୍ଣପୁର ଜିଲ୍ଲାରେ ୧୮୮ ଓ ସୁନ୍ଦରଗଡ ଜିଲ୍ଲାରେ ୨୪୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଭୁବନେଶ୍ୱରରୁ ଆଉ ୧୦୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧।୮ (ନି.ପ୍ର): ଭୁବନେଶ୍ୱରରୁ ମଙ୍ଗଳବାର ୧୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଜଣ କ୍ୱାରେଂଟାଇନ୍ ସେଂଟରରୁ ଚିହ୍ନଟ ହୋଇଥିବା ବେଳେ ୪୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ସେହିପରି ଗୋଟିଏ ଦିନରେ୧୩୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରୁ ଏପର୍ଯ୍ୟନ୍ତ ୪୧୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୨୮୦୭ ଜଣ ସୁସ୍ଥ ହୋଇଥିବା ବେଳେ ୧୩୩୯ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଅନ୍ୟପକ୍ଷରେ୨୨ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି।ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ବିଏମ୍ସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପୁରୁଣା ଭୁବନେଶ୍ୱର ରାମେଶ୍ୱରପାଟଣାରୁ ୪ ଜଣ, ନୂଆ ଫରେଷ୍ଟ ପାର୍କ ଅଂଚଳରୁ ୪ ଜଣ, ୨ଟି ଘରୋଇ ହସ୍ପିଟାଲରୁ ୩ ଜଣ ଲେଖାଏଁ, ସୁନ୍ଦରପଦା, ଗଙ୍ଗନଗର, ଚନ୍ଦ୍ରଶେଖରପୁରରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛି । କେନ୍ଦ୍ର ସରକାରଙ୍କ ଏକ ହସ୍ପିଟାଲ, ପାଇକନଗର ବସ୍ତି, ରସୁଲଗଡ଼, ଜୟଦେବ ବିହାର, ଡେଲଟା ଛକ, ସାଲିଆ ସାହିରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ୪୯ ଜଣ ସ୍ଥାନୀୟ ସଂକ୍ରମଣଙ୍କ ମଧ୍ୟରେ ବଡ଼ଗଡ଼ରୁ ୪ ଜଣ, ବିବେକାନନ୍ଦ ମାର୍ଗରୁ ୩ ଜଣ, ସାଲିଆ ସାହି, ଚନ୍ଦ୍ରଶେଖରପୁର, କାନନ ବିହାର, ପଟିଆରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ହୋଇଛନ୍ତି । ସୁସ୍ଥ ହୋଇଥିବା ୧୩୪ ଆକ୍ରାନ୍ତଙ୍କ ମଧ୍ୟରୁ ଶୈଳଶ୍ରୀବିହାର, ଖଣ୍ଡଗିରି ତପୋବନ ବସ୍ତିରୁ ୬ ଜଣ ଲେଖାଏଁ ସୁସ୍ଥ ହୋଇଥିବା ବେଳେ ବଡଗଡରୁ ୫ ଜଣ, ୫ ଜଣ ଘରୋଇ ହସ୍ପିଟାଲ କର୍ମଚାରୀ ,୩ ଜଣ ପୁଲିସ କର୍ମଚାରୀ ମଧ ସୁସ୍ଥ ହୋଇଛନ୍ତି ।

# ଜାତୀୟ ରାଜକଡରେ ମାଓ ବ୍ୟାନର

ନୂଆପଡା,୧୧।୮ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧ ହାଇସ୍କୁଲ ସମ୍ମୁଖ ୩୫୩ ନଂ ଜାତୀୟ ରାଜପଥ କଡରେ ଏକ ମାଓ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି । ଏକ ଲାଲ ରଙ୍ଗର କପଡା ବ୍ୟାନରରେ ଧଳା ରଙ୍ଗରେ ଲେଖା ଯାଇଥିବା ବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏଡିକେ ଏରିଆ କମିଟି ଉଲ୍ଲେଖ ରହିଛି । ସାରା ରାଜ୍ୟରେ କୋଭିଡ ମହାମାରୀ ପରିସ୍ଥିତିରେ ଲକଡାଉନ ଏବଂ ସଟ୍ଡାଉନ ଲାଗି ରହିଥିବା ବେଳେ ସରକାର ମଦଭାଟିକୁ ମଧ୍ୟ ବନ୍ଦ କରିବାକୁ ବେନରରେ ଉଲ୍ଲେଖ ରହିଅଛି । କୋମନା ପୁଲିସ ପହଂଚି ମାଓ ବ୍ୟାନରକୁ ଜବର କରିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଦୀର୍ଘ ଦୀନ ପରେ ମାଓ ବ୍ୟାନର ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି ।

# ଭାଇରାଲ ଅଡିଓ ଅଭିଯୋଗରେ ଗିରଫ ହୋଇଥିବା ଲକ୍ଷ୍ମୀକାନ୍ତ ବେହେରାଙ୍କ ପରିବାର ସଦସ୍ୟଙ୍କୁ ଭେଟିଲା ବିଜେପି

**ଗିରଫ କରାଯାଇଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରାଯାଉ : ବାବୁ ସିଂ**

ଭୁବନେଶ୍ୱର,୧୧।୮ (ନି.ପ୍ର): କୋଭିଡ ପରିଚାଳନାର ଅବ୍ୟବସ୍ଥା ସଂପର୍କିତ ଭାଇରାଲ ଅଡିଓ ଅଭିଯୋଗରେ ଗିରଫ ହୋଇଥିବା ଲକ୍ଷ୍ମୀକାନ୍ତ ବେହେରା ଏବଂ ବିଶ୍ୱଜିତ ମହାନ୍ତିଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛି ବିଜେପି । ମଙ୍ଗଳବାର ଦିନ ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧୀ ଦଳ ଗିରଫ ଲକ୍ଷ୍ମୀକାନ୍ତ ବେହେରାଙ୍କ ପରିବାର ସଦସ୍ୟଙ୍କୁ ଭେଟି ଘଟଣା ସଂପର୍କରେ ଆଲୋଚନା କରିଛନ୍ତି । ପରିବାର ଲୋକ ଅନେକ ଦୁଃଖ ଓ ମାନସିକ ଯନ୍ତ୍ରଣାରେ ଥିବା କଥା ପ୍ରତିନିଧୀ ଦଳ ଆଗରେ ବଖାଣିଛନ୍ତି । ଏହି ଅଡିଓକୁ କୌଣସି ମନ୍ଦ ଉଦ୍ଦେଶ୍ୟ ନେଇ ଭାଇରାଲ କରାଯାଇ ନଥିଲା । ସତ କଥା କହିବା ପରେ ରାଜ୍ୟସରକାର ସେମାନଙ୍କୁ ଗିରଫ କରି ଅକଥନୀୟ ଅତ୍ୟାଚାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ସିଂ କହିଛନ୍ତି । ଶ୍ରୀ ସିଂ କହିଛନ୍ତି ଯେ, ପୋଲିସ ପକ୍ଷରୁ ଗତ ୯ ତାରିଖ ଦିନ ଏହି ଦୁଇ ଜଣ ବ୍ୟକ୍ତିଙ୍କୁ ନିଜ ଘରୁ ଉଠାଇ ନେଇ ରାତି ୧୨ ଟାରେ ପୋଲିସ ପଚରାଉଚରା କରିବା ପାଇଁ ଡାକିଛି ବୋଲି ସୂଚନା ଦେବା ଅତ୍ୟନ୍ତ ନିନ୍ଦନୀୟ । ଗତ କାଲି ଅର୍ଥାତ୍ ୧୦ ତାରିଖରେ ପ୍ରେସ ରିଲିଜ ମାଧ୍ୟମରେ ସେହି ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିବା କଥା ପୋଲିସ ସୂଚନା ଦେଲା । ଏହି ଭାଇରାଲ ଅଡିଓ କ୍ଲିପରେ ଏମିତି କଣ ଥିଲା ଯେ ଦୁଇ ଜଣଙ୍କୁ ଗିରଫ କରାଗଲା, ଏହାର ଉତର ବିଏମସି କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ପ୍ରଶାସନ ସ୍ପଷ୍ଟ କରନ୍ତୁ । ଅଡିଓ କ୍ଲିପରେ ଏମିତି କୌଣସି କଥା ବି ନାହିଁ ଯାହା ସମାଜରେ ଭୟର ବାତାବରଣ ସୃଷ୍ଟି କରିବ । ଭାଇରାଲ ଅଡିଓ କ୍ଲିପକୁ ପ୍ରଶାସନ ଭଲ ଭାବରେ ଶୁଣନ୍ତୁ ଏବଂ ବୁଝନ୍ତୁ କି, ଏଥିରେ ଏପରି କଣ ଅଛି ଯେ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଗଲା । କିଛିଦିନ ପୂର୍ବରୁ ବିଜେପିର ଏକ ପ୍ରତିନିଧୀ ଦଳ ହରିନଗର ବସ୍ତି ଅଂଚଳ ଗସ୍ତ କରି ବସ୍ତି ବାସିନ୍ଦାଙ୍କୁ ଭେଟିଥିଲା । ବିଏମସିର ଭୁଲ ତଥ୍ୟ କାରଣରୁ ସେମାନେ ମାନସିକ ଯନ୍ତ୍ରଣା ପାଇବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଘଟଣାରେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ମାତ୍ର ଆଜି ସାଧାରଣ ଲୋକମାନେ କରୋନା ଅବ୍ୟବସ୍ଥା ଉପରେ କହିବାରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା କାହିଁକି ? ଭୁବନେଶ୍ୱରରେ କ’ଣ କୌଣସି ଲୋକର କଥା କହିବାକୁ ସ୍ୱାଧୀନତା ମିଳିନାହିଁ ବୋଲି ସିଂ ପ୍ରଶ୍ନ ଉଠାଇଛନ୍ତି । ଏହି ଘଟଣାରେ ବିଏମସି ଏବଂ ପୋଲିସର କାର୍ଯ୍ୟକଳାପକୁ ଜିଲ୍ଲା ବିଜେପି ଘୋର ନିନ୍ଦା କରିବା ସହ ସଂପୃକ୍ତ ପରିବାର ଲୋକଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେପି ସେମାନଙ୍କ ସାଥୀରେ ଛିଡା ହୋଇ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇ ଚାଲିବ ବୋଲି ଶ୍ରୀ ସିଂ କହିଛନ୍ତି । ଏହି ପ୍ରତନିଧୀ ଦଳରେ ବିଜେପି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଏବଂ ଜଗନ୍ନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ଖୋର୍ଦ୍ଧାରେ ସଟ୍ଡାଉନ ସମୟରେ ସବୁ ଅଂଚଳରେ ଟେଷ୍ଟିଂ, ଟ୍ରେସିଂ, ସାନିଟାଇଜେସନ କରାଯାଉ : ବିଜେପି

ଭୁବନେଶ୍ୱର,୧୧।୮ (ନି.ପ୍ର): ଆସନ୍ତାକାଲି ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ୍ ଓ ବିଜ୍ଞାପିତ ପରିଷଦ, ଚିଲିକା ବ୍ଲକ୍ ଏବଂ ବାଲୁଗାଁ ବିଜ୍ଞାପିତ ପରିଷଦ ଅଂଚଳକୁ ସଂପୂର୍ଣ୍ଣ ସଟ୍ଡାଉନ ଘୋଷଣା କରାଯାଇଛି । ଏହି ସଟ୍ଡାଉନ ସମୟରେ ୧୦୦% ଅଂଚଳରେ ପ୍ରଶାସନ ଓ ସରକାର ଟେଷ୍ଟିଂ, ଟ୍ରେସିଂ, ଟ୍ରିଟ୍ମେଂଟ, ହାଉସ୍ ସର୍ଭେ, ସାନିଟାଇଜେସନକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କଲେ ଏହାର ଗୁରୁତ୍ୱ ରହିବା ସହ ସଂକ୍ରମଣ ନିୟନ୍ତ୍ରଣ ରୋକିବାରେ ସହାୟକ ହେବ । ନଚେତ୍ ଅଂଚଳବାସୀ କେବଳ ହଇରାଣର ଶିକାର ହେବେ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । କରୋନା ମହାମାରୀ ସଂକଟର ବିଭିନ୍ନ ସମୟରେ ଏହି ଭୂତାଣୁର ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ଗତ ୫ ମାସ ଭିତରେ ବହୁ ଥର ଲକ୍ଡାଉନ / ସଟ୍ଡାଉନ ହୋଇଛି । ମାତ୍ର ଏହି ସଂକ୍ରମଣ ନିୟନ୍ତ୍ରଣ ହେବା ଅପେକ୍ଷା ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି । ଏହା ନିଶ୍ଚିତ ଭାବେ ଚିନ୍ତାର କାରଣ ସାଜିଛି । ଅନ୍ୟ ପଟେ ଏହି ତାଲାବନ୍ଦ କାରଣରୁ ଜୀବନ ସହ ଜୀବିକା ଉପରେ ମଧ ବହୁ ପ୍ରଭାବ ପଡିଛି । ଜିଲ୍ଲାରେ ଏହି ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ କୋଭିଡ୍ ପରିଚାଳନାରେ ସଫଳତା ସହ ପ୍ରମୁଖ ଭୂମିକା ନେଇଥିବା ସରପଂଚ ଓ ପଂଚାୟତ ପ୍ରତିନିଧିମାନଙ୍କରେ ମତ କାହିଁକି ନିଆଯାଉ ନାହିଁ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଶ୍ନ କରିଛନ୍ତି । ଏତେ ବଡ ଅଂଚଳକୁ ଏକା ସଙ୍ଗରେ ୩ / ୪ ଦିନ ପାଇଁ ସଟ୍ଡାଉନ କରିଦେଲେ କଣ ଲାଭ ହେବ ? ମାତ୍ର ୨ / ୩ ଦିନ ତଳେ କାର୍ଯ୍ୟରେ ଯୋଗ ଦେଇଥିବା ଜଣେ ବିଡିଓ ଏବଂ ଅନ୍ୟ କିଛି କନିଷ୍ଠ ଅଧିକାରୀଙ୍କର କେଉଁ ଅନୁଭବ ବଳରେ ଏଭଳି ବଡ ନିଷ୍ପତି ନିଆଗଲା ? ଲକ୍ଡାଉନ / ସଟ୍ଡାଉନ ଅଂଚଳରେ ୧୦୦% ସାନିଟାଇଜେସନର ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଛି କି ? ଲକ୍ଡାଉନ / ସଟ୍ଡାଉନ ସମୟରେ ଏହି ଅଂଚଳର ୧୦୦% ହାଉସ ସର୍ଭେ କରାଯାଇ କୋଭିଡ୍ ଲକ୍ଷଣ ଥିବା ଲୋକମାନଙ୍କୁ ଚିହ୍ନଟ କରାଯିବାର ବ୍ୟବସ୍ଥା କରାଯାଇଛି କି ? ସାମାନ୍ୟ ଲକ୍ଷଣ ଥିବା ସମସ୍ତ ବ୍ୟକ୍ତିଙ୍କର ସ୍ୱାବ୍ ଟେଷ୍ଟ ବା ଆଂଟିଜେନ କିଟ୍ ଟେଷ୍ଟ୍ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି କି ? ଯଦି ଏହି ଭଳି ପ୍ରସ୍ତୁତି କରାଯାଇ ନାହିଁ, ତାହେଲେ ଏହି ଲକ୍ଡାଉନ / ସଟ୍ଡାଉନ ଘୋଷଣାର କୌଣସି ଗୁରୁତ୍ୱ ରହିବ ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଧନ ବୃତ୍ତି ଯୋଜନା

ଭୁବନେଶ୍ୱର,୧୧।୮ (ନି.ପ୍ର): ଏସ୍ଡ଼ି ଶିବୁଲାଲ ଓ କୁମାରୀ ଶିବୁ ଲାଲ ଦ୍ୱାରା ପ୍ରତିଷ୍ଠିତ ସରୋଜିନୀ ଦାମୋଦରନ ଫାଉଣ୍ଡେସନ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ଗ୍ରହଣ ନିମନ୍ତେ ବୃତି ପ୍ରଦାନ କରଯାଉଛି । ୨୦୨୦ ମାଟ୍ରିକ ପରୀକ୍ଷାରେ ୮୦%ରୁ ଅଧିକ ନମ୍ବର ରଖିଥିବା ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନେ ଏହି ବୃତି ପାଇଁ ଆବେଦନ କରିପାରିବେ । ସେହିପରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ୬୦% ନମ୍ବର ରଖିଥିବା ଜରୁରୀ । ମନୋନୀତ ଛାତ୍ରଛାତ୍ରୀ ମାଧମିକ ଶିକ୍ଷା ପାଇଁ ବାର୍ଷିକ ୬ ହଜାର ଟଙ୍କାର ବୃତି ପାଇବେ । ଡ଼ିଗ୍ରୀ ପାଠ୍ୟକ୍ରମ ପାଇଁ ସେମାନଙ୍କୁ ୧୦ ହଜାରରୁ ୬୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ । ଆଗ୍ରହୀ ଛାତ୍ରଛାତ୍ରୀମାନେ ସପ୍ଟେମ୍ବର ୧୫ ତାରିଖ ୨୦୨୦ ପୂର୍ବରୁ www.vidyadhan.org ୱେବ୍ସାଇଟରେ କିମ୍ବା ଝଁସୟଛବ ଝରଓ ଗକ୍ଟଭସକ୍ଷର ବକ୍ଟ୍ରକ୍ଟ୍ର ଦ୍ୱାରା ଆବେଦନ କରିପାରିବେ କିମ୍ବା ୭୯୭୮୪୬୭୮୦୮ ନମ୍ବରରେ ଯୋଗାଯୋଗ କରି ବୁଝିପାରିବେ । ସୂଚନାଯୋଗ୍ୟ ଯେ, ଫାଉଣ୍ଡେସନ ପକ୍ଷରୁ ବର୍ତମାନ ସୁଦ୍ଧା ଦେଶର ୧୩ ହଜାର ଛାତ୍ରଛାତ୍ରୀଙ୍କୁ ଏହି ବୃତି ପ୍ରଦାନ କରାଯାଇ ସାରିଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାର ୨୦୦ଜଣ ଛାତ୍ରଛାତ୍ରୀ ମଧ ଉପକୃତ ହୋଇସାରିଛନ୍ତି । ସମ୍ପ୍ରତି ଏହି କାର୍ଯ୍ୟକ୍ରମ ଓଡ଼ିଶା, କେରଳ, କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଏବଂ ଗୋଆରେ ଚାଲୁରହିଛି ।

# ଦୁର୍ବଳ ହେବାରେ ଲାଗିଛି ବ୍ରାହ୍ମଣୀ ନଦୀ ବନ୍ଧ: ନଜର ପଡୁନି ଜଳସମ୍ପଦ ବିଭାଗର

ଧର୍ମଶାଳା,୧୧।୮ (ନି.ପ୍ର): ଲଗାଣ ବର୍ଷା ଆରମ୍ଭ ହେବା ସହିତ ନଦୀରେ ବନ୍ୟା ଜଳ ଆସିଲାଣି । ହେଲେ ହେଲେ ଏପଟେ ଦିନକୁ ଦିନ ଦୂର୍ବଳ ଲାଗିଛି ବ୍ରାହ୍ମଣୀ ନଦୀ ବନ୍ଧ । ୧ ମାସ ପୂର୍ବେ ଜିଲାପ୍ରଶାସନ ପକ୍ଷରୁ ସାମ୍ଭବ୍ୟ ବନ୍ୟା ଆସିବା ପୂର୍ବରୁ ଦୂର୍ବଳ ନଦୀ ବନ୍ଧୁ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଜିଲା ପ୍ରଶାସନ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଖାତିର କରୁ ନଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ହୋଇଛି ଜାରକା ଜଳ ସମ୍ପଦ ବିଭାଗ ଅଧିନରେ ଥିବା ରସୁଲପୁର ବ୍ଲକ ଅଧିନସ୍ଥ ଅତଲାପୁର-ସାମନ୍ତରାପୁର ବ୍ରାହ୍ମଣୀ ନଦୀ ବନ୍ଧ ଉପରେ । ଏହି ନଦୀ ବନ୍ଧ ଅବସ୍ଥା ଅତି ଶୋଚନୀୟ ହୋଇପଡିଥିବା ବେଳେ ସାମ୍ଭବ୍ୟ ବନ୍ୟା ଜଳ ଆସିବା ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଅଭିଯୋଗ ମୁତାବକ ଅତଲାପୁରଠାରୁ ସାମନ୍ତରାପୁର ପଂଚାୟତ ଦେଇ ଯାଇଛି ବ୍ରାହ୍ମଣୀ ନଦୀ । ହେଲେ ଏହି ନଦୀ ବନ୍ଧ ଦିନକୁ ଦିନ ଦୂର୍ବଳ ହେବାରେ ଲାଗିଛି । ଏହି ୨ ପଂଚାୟତର ୨୦ରୁ ଉର୍ଦ୍ଧ ଗ୍ରାମର ଗ୍ରାମବାସୀମାନେ ନଦୀ କୂଳରେ ବସବାସ କରନ୍ତି । ଏହି ନଦୀ ବନ୍ଧ ଅପରପକ୍ଷେ ଏହି ଗ୍ରାମର ମୁଖ୍ୟ ରାସ୍ତା କହିଲେ ଚଳେ । ହେଲେ ୫ ବର୍ଷରୁ ଉର୍ଦ୍ଧ ହେବ ଏହି ନଦୀ ବନ୍ଧର ମରାମତି ହେଉ ନ ଥିବା ବେଳେ ବନ୍ଧରେ ମାଟି ସବୁ ଧୋଇ ହୋଇ ବଡ ବଡ ଖାଲମାନ ସୃଷ୍ଟି ହୋଇଛି । ଆଗକୁ ବନ୍ୟା ଜଳ ଆସିଲେ ଏହି ନଦୀ ବନ୍ଧ ଲୋକମାନଙ୍କୁ ସୁରକ୍ଷା ଦେଇ ପାରିବା ନେଇ ସାଧାରଣରେ ଭୟ ଘାରିଛି । ଏବଂ ସ୍ଥାନମାନଙ୍କରେ ଭଳିଆ ପଡିବା ସମ୍ଭାବନା ସୃଷ୍ଟି ହୋଇଛି । ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳି ନାହିଁ । ଅନ୍ୟ ପକ୍ଷେ ଏନେଇ ଗ୍ରାମବସୀ ଯାଜପୁର ସଂାସଦ ଶର୍ମିଷ୍ଠା ସେଠୀଙ୍କ ନିକଟରେ ମଧ୍ୟ ଦାବି କରିଥିଲେ । ୧ ମାସ ପୂର୍ବେ ସଂାସଦ ଶ୍ରୀମତି ସେଠୀ ଏହି ନଦୀ ବନ୍ଧ ବୁଲି ଦେଖି ଯାଇଥିଲେ ମଧ୍ୟ ଏହି ନଦୀ ବନ୍ଧ ଆଜି ପର୍ଯ୍ୟନ୍ତ ମରାମତି କରାଯାଉ ନ ଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ଯାଜପୁର ଜିଲାପାଳ ଏହି ନଦୀ ବନ୍ଧ ପ୍ରତି ଦୃଷ୍ଟି ଦେବାକୁ ଏହି ୨ ପଂଚାୟତର ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କର କୌଣସି ପ୍ରତିକ୍ରୀୟା ମିଳି ପାରି ନାହିଁ ।

# ଜଙ୍ଗଲ ମଧ୍ୟରୁ ମୂଲ୍ୟବାନ ଗଛକାଟି ବେସରକାରୀ ସ୍କୁଲ ନିର୍ମାଣ : ବାରମ୍ବାର ଅଭିଯୋଗ ପରେ ବି ବନବିଭାଗ ଚୁପ୍

ହରିଚନ୍ଦନପୁର,୧୧।୮ (ନି.ପ୍ର): ଜଙ୍ଗଲ ମଧ୍ୟରୁ ମୂଲ୍ୟବାନ ଗଛ କାଟି ବେସରକାରୀ ସ୍କୁଲର ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବାରମ୍ବାର ଗ୍ରାମବାସୀଙ୍କ ଅଭିଯୋଗ ସତ୍ୱେ ବନବିଭାଗ ଅଧିକାରୀ ମୋଟା ଅଙ୍କର ହାତଗୁଞ୍ଜା ନେଇ ଚୁପ୍ ହୋଇବସିଥିବା ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ବ୍ରହ୍ମଣୀପାଳ ରେଞ୍ଜ ରେବଣାପଳାଶପାଳ ବନବିଭାଗ ଅଧିନସ୍ଥ ସୁନାପେଣ୍ଠ ହାଇସ୍କୁଲର ପିଅନ୍ ତ୍ରିଲୋଚନ ମହାନ୍ତ ଟିଗିରିଆ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଆଜକୁ ୬ମାସ ପୂର୍ବେ ଅନେକ ମୂଲ୍ୟବାନ ଗଛ କାଟି ବେସରକାରୀ ସ୍କୁଲ ନିମନ୍ତେ ଘର ନିର୍ମାଣ କାର୍ଯ୍ୟ ଚଲାଇଛନ୍ତି । ଏନେଇ ଗ୍ରାମର ଲୋକମାନେ ରେବଣାପଳାଶପାଳ ବନପାଳଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ମଧ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏଥିସହ ବନପାଳଙ୍କ ଠାରୁ ନିରାଶ ହେବା ପରେ ଗ୍ରାମର ଲୋକମାନେ ବ୍ରାହ୍ମଣୀପାଳ ରେଞ୍ଜର ଭୁବନାନନ୍ଦ ମହାପାତ୍ରଙ୍କ ପାଖରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଅଭିଯୋଗ ପରେ ରେଞ୍ଜର କିଛି ବନ କର୍ମଚାରୀଙ୍କୁ ନେଇ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯାଇଥିଲେ । ହେଲେ ଘଟଣା ସମ୍ପର୍କରେ ଜାଣିବା ପରେ ଲକ୍ଷାଧିକ ଟଙ୍କାର ହାତଗୁଞ୍ଜା ନେଇ ଚୁପ୍ ହୋଇ ବସିଥିବା ସହ ଘଟଣାକୁ ଚପାଇ ଦେବାକୁ ବନ ବିଭାଗ ଉଦ୍ୟମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ରେଞ୍ଜରଙ୍କ ପ୍ରତିକ୍ରିୟା ନେବାପାଇଁ ଆମେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ ହେଲେ ମିଡିଆ ସମ୍ମୁଖକୁ ନଆସିବା ପାଇଁ ଫୋନ୍ ସୁଇଚ୍ ଅଫ୍ କରି ଅଫିସ ଛାଡି ଅନ୍ୟତ୍ର ରହିଥିବା କାରଣରୁ ଯୋଗାଯୋଗ ହୋଇପାରିନାହିଁ । ଉକ୍ତ ଜଙ୍ଗଲ ଉପରେ ଗ୍ରାମର ଅଧିକାଂଶ ଲୋକ ନିର୍ଭର କରିଥାନ୍ତି, ସାଧାରଣତଃ ଗ୍ରାମ ନିକଟରେ ଥିବା ଏହି ଜଙ୍ଗଲରୁ ପ୍ରତ୍ୟେକ ଦିନ ଗ୍ରାମର ଲୋକମାନେ ଦାନ୍ତକାଠି ଠାରୁ ଆରମ୍ଭ କରି ଶୁଖିଲା ପତ୍ର, ଜାଳକାଠ ସଂଗ୍ରହ କରୁଥିବା ସହ ଏହି ଜଙ୍ଗଲରେ ଛେଳି ଗାଈ ଚରାଇଥାନ୍ତି । ହେଲେ ଏହି ଭଳି ପ୍ରତ୍ୟେକ ଦିନ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲକୁ ଲୋମାନେ ନିଜର ପୈତୃକ ସମ୍ପତି ଭାବି ମନଇଚ୍ଛା କାଟି ସଫା କରିଚାଲିଛନ୍ତି । ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ରାଜସ୍ୱରୁ ମାସିକ ମୋଟା ଅଙ୍କର ଦରମା ଦେଇ ତଳସ୍ତରରୁ ଆରମ୍ଭ କରି ଉପରସ୍ତର ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ କର୍ମଚାରୀ ନିୟୋଜିତ କରାଯାଇଛି । ହେଲେ ଉକ୍ତ କର୍ମଚାରୀଙ୍କ ଲାଭବାନ ଓ ଅବହେଳା ମନୋଭାବକୁ ନେଇ ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାକୁ ବସିଥିବା ବେଳେ କାଠ ମାଫିଆ ବୃଦ୍ଧି ଓ ସକ୍ରିୟ ହେବାକୁ ବସିଛନ୍ତି । ସେହିଭଳି ବ୍ରାହ୍ମଣୀପାଳ ରେଞ୍ଜ ଅଧିନସ୍ଥ ଅନେକ ସ୍ଥାନରେ ପ୍ରତ୍ୟେକ ଦିନ ବନ୍ୟଜନ୍ତୁ ଶିକାର ଚାଲିଥିବା ବେଳେ ବନବିଭାଗ କର୍ମଚାରୀମାନେ ରାଜନୈତିକ ଚାପ ଓ ହାତଗୁଞ୍ଜା ନେଇ ଚୁପ୍ ହୋଇ ରହୁଥିବା ଖବରକୁ ପୂର୍ବରୁ ଚପାଇଦେଇଥିବା ନଜିର ରହିଛି । ଗଛ କଟାଯାଇ ସ୍କୁଲ ଘର ନିର୍ମାଣ ଘଟଣାକୁ ନେଇ ବନପାଳ ପିନାକୀ ଓଝାଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲୁ । ସେ ସୂଚନା ଦେଇଛନ୍ତି ଯେ ଘଟଣା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇଛି, ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେ ଘଟଣାସ୍ଥଳକୁ ଯାଇ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ କୋଦାଳ, କଡେଇ, କରଣୀ ଜବତ କରିଥିଲେ । ପୁଃନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭର ଅଭିଯୋଗ ପରେ ସ୍କୁଲ ନିର୍ମାଣ ହେଉଥିବା ନେଇ ଡିଏଫଓଙ୍କ ଅନୁମତି ପାଇଁ ଆବେଦନ କରିବା ପାଇଁ ବାଟ ବତେଇଥିଲୁ । ସେମଧ ଡିଏଫଓଙ୍କ ଠାରୁ ଅନୁମତି ପାଇଁ ଅନେକଥର ଯାଇଥିବା ଆମେ ଜାଣିଛୁ । ଏଥିସହ ଘଟଣାସ୍ଥଳରେ କିଛି ଗ୍ରାମର ଲୋକେ ବେସରକାରୀ ସ୍କୁଲ ଘର ନିର୍ମାଣ ବା ଗ୍ରାମରେ ଏକ ଅନୁଷ୍ଠାନ କରାଯାଉଛି କହିବା ପରେ ଆମେ ଘଟଣାସ୍ଥଳରୁ ଫେରିଆସିଥିଲୁ । ଆପଣମାନେ ବେଶି ଇଏ କରୁଛନ୍ତି, ହେଟା ଯଦି ସେମାନେ ଗୋଟିଏ ଅନୁଷ୍ଠାନ କରୁଛନ୍ତି, ଗୋଟିଏ ସିଷ୍ଟମରେ ଚାଲୁଛନ୍ତି, ନିତି ନିୟମରେ କାର୍ଯ୍ୟ କରୁଛି, ସେମାନେ ଆମ ପାଖକୁ ଆସିଥିଲେ, ସେମାନଙ୍କୁ ଆମେ କହିଛୁ ଓ ଜାଣିଛୁ ସେମାନେ ଡିଏଫଓଙ୍କ ଅନୁମତି ପାଇଁ ଲାଗିଛନ୍ତି । ତମେ ମିଡିଆବାଲା ଘଟଣାର ବେଶି ଖୋଳତାଡ କରୁଛ, ବେଶି ହାଇଲାଇଟ୍ କରୁଛ, ଯଦି ଜଣେ ଅନୁଷ୍ଠାନ କରିବାକୁ ଚାହୁଁଛି ତେବେ କରୁ । ଅନେକ ଲୋକ ଜଙ୍ଗଲ ଜମିକୁ ମାଡିବସି ଚାଷ ଓ ଘର କରିଚାଲୁଛନ୍ତି । ଆମେ କାହାକୁ କଣ କରିବୁ ଆମେ ସୁବିଧା ହେଲେ ତଦନ୍ତ କରି କେଶ ରୁଜୁ କରିବୁ, ଆମର କାଗଜପତ୍ର କାମ ଚାଲିଛି ସରିଲେ ସୁବିଧା ଦେଖି କେଶ୍ ରୁଜୁ କରିବୁ ।

# କରୋନା ଯୋଗୁଁ ବାଲେଶ୍ୱରରେ ନିରାଡ଼ମ୍ବର ଜନ୍ମାଷ୍ଟମୀ

ବାଲେଶ୍ୱର,୧୧।୮ (ନି.ପ୍ର): ମହାମାରୀ କରୋନା ପାଇଁ ଉତ୍କଳୀୟ ସଂସ୍କୃତିର ଗୋଟି ପରେ ଗୋଟିଏ ପର୍ବପର୍ବାଣୀ କେବଳ ବିଧିରକ୍ଷାରେ ଘରେ ଘରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଗତ ମାର୍ଚ୍ଚମାସ ତୃତୀୟ ସପ୍ତାହରୁ ଓଡ଼ିଶା ସମେତ ଦେଶରେ ଦେଶରେ କାୟା ବିସ୍ତାର କରି ଚାଲିଥିବା କରୋନା ଯୋଗୁଁ ଇତିମଧ୍ୟରେ ବାସନ୍ତିପୂଜା, ଚନ୍ଦନ ଯାତ୍ରା, ରଜସଂକ୍ରାନ୍ତି, ଦେବସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ରାଖି ପୂର୍ଣ୍ଣିମା ପ୍ରଭୃତି ପ୍ରମୁଖ ପର୍ବ ଅତି ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ଅନୁରୂପ ଭାବେ ଆଜି ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ଜନ୍ମାଷ୍ଟମୀ ମଧ୍ୟ ଘରେ ଘରେ ପାଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିର ରଖି ପ୍ରଶାସନ ପକ୍ଷରୁ ମଠ ମନ୍ଦିର ପ୍ରଭୃତି ଧାର୍ମିକସ୍ଥଳକୁ ସାଧାରଣ ଭକ୍ତଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଥିବା ବେଳେ ଆଜି କେବଳ ପୂଜକଙ୍କ ଦ୍ୱାରା ନିତିପୂଜା କରାଯାଇଛି। ବାଲେଶ୍ୱ ସହରର ବିଭିନ୍ନ ଦେବାଦେବୀ ମନ୍ଦିର ସମେତ ଭକ୍ତଶୂନ୍ୟ ରାଧାକୃଷ୍ଣ ମନ୍ଦିର ଖାଁ ଖାଁ ଲାଗୁଥିଲା। ସକାଳଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ଭଜନ କୀର୍ତ୍ତନରେ ପ୍ରକମ୍ପିତ ହେଉଥିବା ସହର ସମେତ ଜିଲ୍ଲାର ସମସ୍ତ ରାଧାକୃଷ୍ଣ ମନ୍ଦିର ଶୂନଶାନ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଏନେଇ ଜନ୍ମାଷ୍ଟମୀ ବ୍ରତଧାରୀଙ୍କ ସମେତ ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଛନ୍ତି। ତେବେ ମନ୍ଦିରକୁ ନ ଆସି ବ୍ରତଧାରୀମାନେ ଘରେ ରହି ଭଗବାନ ଶ୍ରୀକୃଷ୍ଣଙ୍କୁ ଧେୟରଖିବା ସହ ବିଧି ରକ୍ଷା ପୂର୍ବକ ପୂଜାର୍ଚ୍ଚନା କରିଛନ୍ତି।



# ୧୪୮୮ରେ ପହଞ୍ଚିଲା ବାଲେଶ୍ୱରର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୧।୮ (ନି.ପ୍ର): ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ଜିଲ୍ଲା ପାଇଁ ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ସାଧାରଣ ଲୋକଙ୍କ ସମେତ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୮୮ରେ ପହଞ୍ଚିଛି। ଅଦ୍ୟାବଧି ୧୦୪୯ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୪୨୮ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ତେବେ ଆଜି ବାଲେଶ୍ୱରରେ କରୋନା ସଂକ୍ରମିତ ୫୮ ବର୍ଷର ଜଣେ ପୁରୁଷ ବ୍ୟକ୍ତିର ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୬ରେ ପହଞ୍ଚିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୫୪ ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ୯୫ ପ୍ରତିଶତ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରୁ ୧୪ ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ସ୍ୱାଧୀନତା ଦିବସ ଓ ନୂଆଁଖାଇରେ ଶଟ୍ ଡାଉନ୍ ହେବନି ସମ୍ବଲପୁର

ଭୁବନେଶ୍ୱର,୧୧।୮ (ନି.ପ୍ର): ସ୍ୱାଧୀନତା ଦିବସ ଅବସରରେ ଆସନ୍ତା ୧୫ ତାରିଖ ଓ ନୂଆଁଖାଇ ଅବସରରେ ଆସନ୍ତା ୨୨ ଓ ୨୩ ତାରିଖ ଦିନ ସମ୍ବଲପୁର ଜିଲ୍ଲା ରେ ସପ୍ତାହନ୍ତ ଶଟ୍ ଡାଉନ୍ ରହିବ ନାହିଁ। ସମ୍ବଲପୁର ଜିଲ୍ଲାପାଳ ଶୁଭମ୍ ସକ୍ ସେନା ଏହି ସୂଚନା ଦେଇଛନ୍ତି। ଜିଲ୍ଲାପାଳ ଏକ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ବର୍ତମାନ ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ସାପ୍ତାହନ୍ତ (ଶନିବାର ଓ ରବିବାର) ସଟ୍‌ଡାଉନ ଚାଲିଛି। ଅଗଷ୍ଟ ୧୫ ଶନିବାର ପଡୁଥିବାରୁ ଏହି ଦିନ ଜିଲ୍ଲାକୁ ଶଟ୍‌ଡାଉନ୍ ରଖାଯିବ ନାହିଁ। ତେବେ ଏହା ବଦଳରେ ଅଗଷ୍ଟ ୧୬ ଏବଂ ୧୭ (ରବିବାର ଓ ସୋମବାର) ସମ୍ବଲପୁର ଜିଲ୍ଲାରେ ଶଟ୍‌ଡାଉନ୍ ରହିବ। ସେହିଭଳି ପର୍ଶ୍ଚିମ ଓଡ଼ିଶାର ସବୁଠାରୁ ବଡ଼ ପର୍ବ ନୂଆଖାଇ ଆସନ୍ତା ୨୩ ତାରିଖରେ ପଡୁଛି। ନୂଆଁଖାଇ ପୂର୍ବଦିନ ଅର୍ଥାତ ଅଗଷ୍ଟ ୨୨ ତାରିଖ (ଶନିବାର) ଦିନ ଲୋକେ ବଜାରରୁ ଜିନିଷ ପତ୍ର କିଣିବେ। ଏହାକୁ ଦୃଷ୍ଟିରେ ରଖି ୨୨ ତାରିଖ ଦିନ ଶଟ୍ ଡାଉନ୍ ବାତିଲ କରାଯାଇଥିବା ବେଳେ ୨୩ ତାରିଖରେ ନୂଆଁଖାଇ ଯୋଗୁଁ ଶଟ୍‌ଡାଉନ୍ କୋହଳ ରହିବ।

## କରୋନା ଯୋଦ୍ଧାଙ୍କୁ ସ୍ୱାସ୍ଥ୍ୟ ବିଭାଗର ହଇରାଣ ହରକତ

ଜଳେଶ୍ୱର, ୧୧/୮ (ନି.ପ୍ର) : ଜଳେଶ୍ୱରର ଜଣେ କରୋନାଯୋଦ୍ଧା ଅସୁସ୍ଥ ଥିବାରୁ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗର ଭୁବନେଶ୍ୱର କୋଭିଡ୍ ହସ୍‌ପିଟାଲରୁ ଚିକିତ୍ସା ସାରି ଜଳେଶ୍ୱରରେ ପହଞ୍ଚିବାର ମାତ୍ର କେଇଘଣ୍ଟାପରେ ବାଲେଶ୍ୱର ସ୍ଥିତ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ଦର୍ଶାଇ ପୁଣି ବାଲେଶ୍ୱରକୁ ଚିକିତ୍ସାପାଇଁ ନେଇଥିବା ଜଣାଯାଇଛି। ଏପରି ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ହଇରାଣ ହରକତ କରିଥିବାରୁ ଜଳେଶ୍ୱରର ସାମ୍ବାଦିକ ମହଲରେ ଆଲୋଡନ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ ସ୍ଥାନୀୟ ଜଣେ ବରିଷ୍ଠ ସାମ୍ବାଦିକ ମୂତ୍ରରୋଗରେ ପିଡିତ ଥାଇ ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶକ୍ରମେ ଭୁବନେଶ୍ୱରର କିମ୍‌ସ୍ ଡାକ୍ତରଖାନାକୁ ଚିକିତ୍ସାପାଇଁ ଯାଇଥିଲେ। ସେଠାରେ କୋଭିଡ୍-୧୯ ଟେଷ୍ଟ ପରେ ଦୀର୍ଘ ୫ଦିନ ସେଠାରେ ରହି ମୁତ୍ରରୋଗ ସଂପର୍କୀୟ ଚିକିତ୍ସା ହୋଇଥିଲେ। ଏହାପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବାରୁ ସେ ରବିବାର ଜଳେଶ୍ୱରରେ ପହଞ୍ଚିଥିଲେ। ରବିବାର ସନ୍ଧ୍ୟାରେ ସେ କରୋନା ସଂକ୍ରମିକ ବୋଲି ବାଲେଶ୍ୱରରୁ ତାଙ୍କୁ ଫୋନ୍‌ଯୋଗେ ଜଣାଇବା ଓ ସୋମବାର ରାତ୍ରିରେ ତାଙ୍କୁ ଆମ୍ବୁଲାନ୍ସରେ ନିଆଯାଇ ଚିକିତ୍ସା କରାଯାଉଥିବା ଜଣାଯାଇଛି। ଏଠାରେ ପ୍ରଶ୍ନ ଉଠେ ଜଣେ କରୋନା ଆକ୍ରାନ୍ତଙ୍କୁ ଭୁବନେଶ୍ୱରରେ କମ୍‌ସ୍ ହସ୍‌ପିଟାଲରେ ୫ଦିନ ଚିକିତ୍ସା ପରେ ଡିସ୍‌ଚାଜ୍ କଲେ କାହିଁକି ? କରୋନା ସଂପର୍କରେ ତାଙ୍କ ସୂଚନା ଦିଆଗଲା ନାହିଁ କାହିଁକି ? ୭୪ ବର୍ଷ ବୟସ୍କ ଏହି ସାମ୍ବାଦିକ ଜଣକ ଏବେ ଭୟଭିତ ଅବସ୍ଥାରେ ଅଛନ୍ତି। ତେଣୁ ବାଲେଶ୍ୱର ସ୍ୱାସ୍ଥ୍ୟ ବିଭାଗ ତାଙ୍କ କରୋନା ପଜେଟିଭ୍ ଥିବାର ଜାଣିଲେ କିପରି ? ପ୍ରକାଶଯୋଗ୍ୟ ଏହି ସାମ୍ବାଦିକଙ୍କ ସ୍ତ୍ରୀ ବ୍ୟତିତ ଏଠାରେ ଆଉ କେହି ନାହାନ୍ତି। କିମ୍‌ର ଦାୟିତ୍ୱ ହୀନତା ଯୋଗୁଁ ସେ ଆଜି ଜୀବନ ମରଣ ସମସ୍ୟାରେ ପଡିଥିବା ବହୁ ସାମ୍ବାଦିକ ଅଭିଯୋଗ କରିଛନ୍ତି।

## ବିପୁଳ ଦେଶୀମଦ-୮ବାଇକ୍ ଜବତ୍: ୧୧ ଅଭିଯୁକ୍ତ ଖସିଗଲେ କେମିତି ?

ବାଲେଶ୍ୱର,୧୧।୮ (ନି.ପ୍ର): ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ହୋଇ ବିପୁଳ ପରିମାଣର ଚୋରା ଦେଶୀମଦ ସହ ୮ ଗୋଟି ନମ୍ବର ବିହୀନ ବାଇକ୍ ଜବତ କରାଯାଇଛି। ଗତକାଲି ରାତିରେ ଏହି ଚଢ଼ଉ ହୋଇଥିଲା। ପୁରୁଣା ବାଲେଶ୍ୱରରୁ ଦେଶୀମଦ ନେଇ ଏକାଧିକ ବାଇକ୍ ସଲଟ୍ ରୋଡ୍‌ରେ ଭଦ୍ରକ ଯାଉଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ମୋଇଲ୍ ସ୍କ୍ୱାର୍ଡ଼ ଓ ସଦର ଶାଖା ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ସଦର ଅବକାରୀ ଇନ୍‌ସ୍ପେକ୍ଟର ପ୍ରବୀଣ କୁମାର ପ୍ରଧାନ ଓ ମୋବାଇଲ ସ୍କ୍ୱାର୍ଡ଼ ଇନ୍‌ସ୍ପେକ୍ଟର ଗାଲୁରାମ ସୋରେନ୍‌ଙ୍କ ନେତୃତ୍ୱରେ ଦୁଇଗୋଟି ଟିମ୍ ଚଢ଼ଉରେ ସାମିଲ ହୋଇଥିଲେ। ଏହି ଟିମ୍ ସଲଟ ରୋଡ଼ରେ ୧୧ ଗୋଟି ବାଇକ୍‌ରେ ମଦ ନେଇ ଯାଉଥିବା ଅଭିଯୁକ୍ତଙ୍କୁ ପିଛା କରିଥିଲା। ତେବେ ଖନ୍ତାପଡ଼ା ଥାନା ଅନ୍ତର୍ଗତ କାନକଟା ଛକଠାରେ ୮ ଗୋଟି ବାଇକ୍ ସହ ମଦ ଛାଡ଼ି ଦେଇ ଅଭିଯୁକ୍ତମାନେ ବିଲରେ ପଶି ଫେରାର ହୋଇଯାଇଥିବା ବେଳେ ଅନ୍ୟ ୩ ଗୋଟି ବାଇକ୍ ଅତି ବେଗରେ ସେଠାରୁ ଚମ୍ପଟ୍ ମାରିଥିଲା। ତେବେ ଅବକାରୀ ଟିମ୍ ଅଭିଯୁକ୍ତଙ୍କ ପିଛା କରିବା ପରିବେର୍ତ୍ତ ୮ ଗୋଟି ନମ୍ବର ବିହୀନ ବାଇକ୍ ଓ ଦେଶୀମଦ ଜବତ କରିଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ତେବେ ଅବକାରୀ ବିଭାଗର ୨ଟିମ୍‌ଙ୍କ କବଳରୁ ମଦ ସହ ୩ ବାଇକ ଆରୋହୀ ଓ ବାଇକ୍ ଛାଡ଼ି ୮ ଅଭିଯୁକ୍ତ କେମିତି ଖସ ପଳାଇବାରେ ସକ୍ଷମ ହେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## କରୋନା ଯୋଦ୍ଧାଙ୍କୁ ସମ୍ମାନ

ଭୁବନେଶ୍ୱର,୧୧।୮ (ନି.ପ୍ର): କୋଭିଡ୍-୧୯ ଯୋଦ୍ଧା ମାନଙ୍କୁ ସମ୍ମାନିତ କରିବା ପାଇଁ ୱାର୍ଡ଼ ନଂ-୩୬ରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସାଂସଦ ସୁଜିତ କୁମାର, ଭୁବନେଶ୍ୱର-ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର-ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଲିଟୁ ମହାସୁପକାର, ପୂର୍ବତନ କର୍ପୋରେଟର ନରେନ କୁମାର ସାହୁ, ୱାର୍ଡ଼ ସଭାପତି ଶିବ ସୁଆର, ସାଧାରଣ ସମ୍ପାଦକ ଏସ୍. କେ. ତସବୀର ଏବଂ ୱାର୍ଡ଼ର ସମସ୍ତ ସଦସ୍ୟବୃନ୍ଦ ଓ କୋଭିଡ଼ ସଚେତକମାନଙ୍କ ଉପସ୍ଥିତିରେ ୩୦ଜଣ ଯୋଦ୍ଧାଙ୍କୁ କୋଭିଡ୍-୧୯ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ୟୁଥ୍ ଫର ଭଲ୍ୟୁଂଟାରି ୱାର୍କ ତରଫରୁ ମହିଳା ଚାଷୀଙ୍କୁ କରୋନା ଯୋଦ୍ଧା ସମ୍ମାନ

ଭୁବନେଶ୍ୱର,୧୧।୮ (ନି.ପ୍ର): ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ 'ୟୁଥ୍ ଫର୍ ଭଲ୍ୟୁଂଟାରୀ ୱାର୍କ' ତରଫରୁ କୋରାପୁଟ ଜିଲ୍ଲା ଶିମିଳିଗୁଡ଼ା ବ୍ଲକ୍, ପିତାଗୁଡ଼ା ପଂଚାୟତ ଚୋରିମାଲିପୁଟ ଗାଁର ୫୦ରୁ ଉର୍ଦ୍ଧ୍ୱ ମହିଳା ଚାଷୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି। ମହିଳା ଚାଷୀମାନଙ୍କୁ ସମ୍ମାନ ସ୍ୱରୂପ ସ୍କାର୍ଫ ପ୍ରଦାନ କଲାବେଳେ ଅତ୍ୟନ୍ତ ଖୁସିରେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ୟୁଥ୍ ଫର ଭଲ୍ୟୁଂଟାରି ୱାର୍କର ସଂଯୋଜିକା ଶୁଭଶ୍ରୀ ମହାନ୍ତି, ସୋସିଆଲ୍ ମିଡିଆ ସଂଯୋଜିକା ଭାଗ୍ୟଶ୍ରୀ ମହାନ୍ତି ଓ ସ୍ୱେଚ୍ଛାସେବୀ ସଦସ୍ୟ ଓଁକାର ମହାନ୍ତି ଉପସ୍ଥିତ ରହି ମହିଳା ଚାଷୀମାନଙ୍କୁ ସମ୍ମାନିତ କରିବା ସହିତ ମାସ୍କ ଓ ଶୁଖିଲା ଖାଦ୍ୟ ବଂଟନ କରିଥିଲେ।

## ବିଜେପିରେ ସାମିଲ ହେଲେ ଭୁବନେଶ୍ୱରର ୨୦ରୁ ଉର୍ଦ୍ଧ୍ୱ ଯୁବ ସମାଜସେବୀ ଓ ଯୁବନେତା

ଭୁବନେଶ୍ୱର,୧୧।୮ (ନି.ପ୍ର): ଭୁବନେଶ୍ୱରର ୨୦ରୁ ଉର୍ଦ୍ଧ୍ୱ ଯୁବ ସମାଜସେବୀ ଓ ଯୁବନେତା ମଙ୍ଗଳବାର ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଉପସ୍ଥିତିରେ ସ୍ୱପ୍ନେନ୍ଦୁ ମହାନ୍ତି, ଆନନ୍ଦ ପାତ୍ର, ସ୍ମୃତିରଂଜନ, ସାହାଜାନ ଖାନ୍, ଇଜାଜ ଖାନ୍, ମୀର ଅଫସର୍, ବିଶ୍ୱନାଥ ପଣ୍ଡା, କିରନ କୁମାର ଭୋଇ, ସୁରେଶ କୁମାର ଜେନାଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଭୁବନେଶ୍ୱରର ଯୁବ ସମାଜସେବୀ ଓ ଯୁବନେତା ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଏବଂ ଟୋପି ପିନ୍ଧାଇ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି।

## ମୟୂରଭଂଜ ସାଂସଦ ଇଂ ବିଶେଶ୍ୱର ଟୁଡୁଙ୍କ ବାର୍ଷିକ ରିପୋର୍ଟ କାର୍ଡ ପ୍ରଦାନ

ବାରିପଦା ,୧୧।୮ (ନି.ପ୍ର): ମୟୂରଭ ସାଂସଦ ଇଂ ବିଶେଶ୍ୱର ଟୁଡୁ ଆଜି ବାରିପଦା ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ସାଂସଦ ଭାବରେ ଅତିବାହିତ କରିଥିବା ବର୍ଷକର ରିପର୍ଟକାର୍ଡ ଉନ୍ମୋଚନ କରିବା ସହିତ ପ୍ରଦାନ କରିଛନ୍ତି। ମୟୂରଭ ଲୋକସଭା ସାଂସଦ କ୍ଷେତ୍ରର ବିଜେପି ସାଂସଦ ଭାବରେ ସେ ଏହି ୨୦୧୯ ବର୍ଷର ରିପର୍ଟ କାର୍ଡରେ ବିଶେଷ କରି ରାସଗୋବିନ୍ଦପୁର-ଅମର୍ଦ୍ଦା ଏୟାଷ୍ଟ୍ରିପ ବାବଦରେ ନିଆଯାଇଥିବା ପଦକ୍ଷେପ, ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷୀ-ଗୋରୁମହିଷାଣି, ବାଦାମପାହାଡ-କେନ୍ଦୁଝର ନୂତନ ରେଳପଥ ବିଷୟରେ କରାଯାଇଥିବା କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରି ବୁଢ଼ାମରା-ଚାକୁଳିଆ ରେଳପଥ ପାଇଁ ଓଡିଶା ସରକାରଙ୍କ ତରଫରୁ ଭୁବନ୍ଦୋବସ୍ତ ପାଇଁ ସମସ୍ତ ବନ୍ଦୋବସ୍ତ ହୋଇ ସାରିଥିବା ବେଳେ ଝାଡଖଣ୍ଡ ରାଜ୍ୟରେ ଭୂବନ୍ଦୋବସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାର କହିଥିଲେ। ସେହିପରି ଜିଲ୍ଲାରେ ନିର୍ମାଣାଧୀନ ଜାତୀୟ ରାଜପଥ ନଂ- ୧୮ ଓ ୪୯ ରେ ଜନସାଧାରଣଙ୍କ ସୁବିଧା ପାଇଁ ଏବଂ ଦାବୀ ମୁତାବକ କେତେକ ଅଭର ବ୍ରିଜ ଓ ଫୁଟ ଅଭର ରାସ୍ତା ନିର୍ମାଣ ନୂତନ ଭାବରେ ସଂଯୋଗ କରାଯାଇଥିବା ସହ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ ଯୁଦ୍ର ଶିଳ୍ପ ଅନୁଷ୍ଠାନ, ସ୍ପିନିଂ ମିଲ, ସ୍ପଂଚ ଆଇରନ , ସବାଇ ଘାସ ଶିଳ୍ପ, ଡାଇରି ଫାର୍ମ, ମାଛଚାଷ ପ୍ରକଳ୍ପ ଆଦି ସହିତ ଜିଲ୍ଲାରେ ନେସନାଲ ରୁରାଲ ହର୍ଟିକଲଚର ରିସର୍ଚ ସେଂଟର ଆଦି ସ୍ଥାପନ ପାଇଁ ଯଥେଷ୍ଟ ପ୍ରୟାସ କରାଯାଇଛି ଏବଂ ଏସବୁ କାର୍ଯ୍ୟ ବାବଦରେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହିତ ଆଲୋଚନା ହୋଇ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିବାର କହିଛନ୍ତି। କରୋନା ମହାମାରୀ ଜନିତ କଟକଣା ପାଇଁ ବହୁ କାର୍ଯ୍ୟ ଅଟକି ରହିଥିବା ବେଳେ ଆଗାମୀ ଦିନରେ ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ରିପର୍ଟ କାର୍ଡରେ ଦର୍ଶାଇବା ସହିତ ପ୍ରେସ ମିଟରେ ବିବୃତି ପ୍ରଦାନ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ବିଜେପିର ବରିଷ୍ଠ ନେତା ତଥା ସଂସଦୀୟ କମିଟି ସଦସ୍ୟ ଛୋଟେଲାଲ ମହାନ୍ତ, ଜୀବନ ସାହୁ, ପୂର୍ବତନ ମନ୍ତ୍ରୀ ମୟୂରଭ ମହାରାଜା ପ୍ରବୀଣ ଚନ୍ଦ୍ର ଭଦେଓ, ଜିଲ୍ଲା ମୁଖପାତ୍ର କବି ବିଷ୍ଣୁ ଶତପଥି ପ୍ରମୁଖ ମଂଚାସୀନ ଥିଲେ।




## ବାରିପଦାରେ ବିଶ୍ୱ ଆଦିବାସୀ ଦିବସ ପାଳିତ




ବାରିପଦା ,୧୧।୮ (ନି.ପ୍ର): ଆଜି ଭାରତମୁଣ୍ଡା ସମାଜର ଓଡିଶା ରାଜ୍ୟ ସଭାପତି ଶ୍ରୀଯୁକ୍ତ ରବିନ୍ଦ୍ରନାଥ ସିଂହଙ୍କ ସଭାପତିତ୍ୱରେ ତୁଳସୀଚଉରା ସ୍ଥିତ ବିର୍ସାମୁଣ୍ଡା ମେମୋରିଆଲ ହଲ ୍ ରେ ବିଶ୍ୱଆଦିବାସୀ ଦିବସ ପାଳିତ ହୋଇଯାଇଛି। ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ନାଥ ସିଂହ ପ୍ରାରମ୍ଭିକ ସୂଚନାରେ ବିଶ୍ୱଆଦିବାସୀ ଦିସସର ତାତ୍ପର୍ଯ୍ୟ , ଆଦିବାସୀ ସମାଜର ମହାପୁରୁଷ ସଦିଦ ବିର୍ସାମୁଣ୍ଡା , ପୁର୍ବତନ ହକି ଚମ୍ପିଆନ ତଥା କେନ୍ଦ୍ରମନ୍ତ୍ରୀ ଜୟପାଲ ସିଂ, ରାଂଚି ବିଶ୍ୱବିଦ୍ୟାଳୟର ପୁର୍ବତନ କୁଳପତି ତଥା ଆଦିବାସୀ ନେତା ରାମଦୟାଲ ମୁଣ୍ଡା,ଅଲଗୁରୁ ରୋହିଦାସ ସିଂ ନାଗ ଓ ଭାରତ ମୁଣ୍ଡା ସମାଜର ପ୍ରତିଷ୍ଠାତା ସଭାପତି ଓ ସମାଜ ସଂସ୍କାରକ ସନାତନ ମୁଣ୍ଡାଙ୍କର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଦିବାସୀ ମାନେ ଯୁଗେ ଯୁଗେ କିଭଳି ଅବହେଳିତ , ଅତ୍ୟାଚାରିତ ଓ ତାଙ୍କର ନ୍ୟାର୍ଯ୍ୟଅଧିକାର ରୁ କିଭଳି ବଂଚିତ ହେଉଛନ୍ତି ତାହା ଆଲୋଚିତ ହେବା ସାଙ୍ଗକୁ ଆଦିବାସୀଙ୍କର ସଂରକ୍ଷଣ ସୁବିଧା , ପଦୋନ୍ନତି , ସାମାଜିକ ନ୍ୟାୟ ଓ ଗଣତାନ୍ତ୍ରିକ ଅଧିକାର ଉପରେ ଯେଉଁ ବିପଦ ଦେଖା ଦେଉଛି ତାର ଘୋର ବିରୋଧ କରିବାସାଙ୍ଗକୁ ଆଦିବାସୀ ମାନେ ଏକତା ବଦ୍ଧ ହୋଇ ଏହା ବିରୁଦ୍ଧରେ ସଂଗ୍ରାମ କରିବାକୁ ବକ୍ତାମାନଙ୍କ ମଧ୍ୟରେ ସର୍ବଶ୍ରୀ ଗୋବର୍ଦ୍ଧନ ସିଂ, ମୋନଜ କୁମାର ମୁଣ୍ଡା , ବାଇଧର ସିଂ, ବିଜୟ କୁମାର ସିଂ, ହରିହର ସିଂ, ଗୌରଚନ୍ଦ୍ର ସିଂ, ବାଉଲା ସିଂ, ଶାମାଖୁଂଟା ବ୍ଲକର ପୁର୍ବତନ ଚେୟାରମେନ୍ ଶ୍ରୀମତୀ ସସ୍ମିତା ସିଂ, ରାମେଶ୍ୱର ସିଂ, ଡାକ୍ତର ଲକ୍ଷ୍ମିକାନ୍ତ ସିଂ, ବସନ୍ତ କୁମାର ସିଂ, ବୁଧିଆ ସିଂ, ହରିମୋହନ ସିଂ ପ୍ରଭୃତି ଗୁରୁତ୍ୱ ଆରୋପ କରିଥିଲେ। କୋରନା ନିରାକରଣ ପାଇଁ ସାମାଜିକ ଦୂରତା ଅବଲମ୍ବନ ପୁର୍ବକ ସଭାର ସଫଳତା ପାଇଁ ସବରନ ସିଂ, ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକକ ପିଜି ପ୍ରବେଶିକା ପରୀକ୍ଷାର ପାଠ୍ୟକ୍ରମ ନେଇ ସ୍ପଷ୍ଟ କରନ୍ତୁ ରାଜ୍ୟ ସରକାର- ଏବିଭିପି

ଭୁବନେଶ୍ୱର,୧୧।୮ (ନି.ପ୍ର): କୋରୋନା ଭଳି ମହାମାରୀ ସମୟରେ ପାଠପଢ଼ାକୁ ନେଇ ଅନିଶ୍ଚିତତା ଥିବା ସମୟରେ ରାଜ୍ୟ ସରକାର ସ୍ନାତକୋତର ପ୍ରବେଶିକା ପରୀକ୍ଷାର ତାରିଖ ଘୋଷଣା କରିଛନ୍ତି। ଏହାକୁ ନେଇ ଛାତ୍ରଛାତ୍ରୀ ଦ୍ୱନ୍ଦରେ ଥିବାରୁ ପ୍ରଶ୍ନପତ୍ରର ସ୍ୱରୂପ ଏବଂ ପାଠ୍ୟକ୍ରମ କୁ ତୁରନ୍ତ ୱେବସାଇଟ୍ ମାଧ୍ୟମରେ ସ୍ପଷ୍ଟ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି। ଏବିଭିପିର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଏମ. ପି ଜ୍ୟୋତି ପ୍ରକାଶ କହିଛନ୍ତି ଯେ ଏବର୍ଷ ପ୍ରତି ବିଶ୍ୱବିଦ୍ୟାଳୟ ନିଜେନିଜେ ପ୍ରବେଶିକା ପରୀକ୍ଷା ଆୟୋଜନ କରିବା ପରିବର୍ତେ ସମଗ୍ର ରାଜ୍ୟ ପାଇଁ ଗୋଟିଏ ସାଧାରଣ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଏହା ପ୍ରଥମ ଥର ପାଇଁ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀମାନଙ୍କ ମନ ଭିତରେ ଅନେକ ପ୍ରଶ୍ନ ଓ ଅନିଶ୍ଚିତତା ସୃଷ୍ଟି ହୋଇଛି।

## ସହାୟତା ଅପେକ୍ଷାରେ କର୍କଟ ପୀଡ଼ିତା ମେଧାବୀ ଛାତ୍ରୀ ମୋନାଲିସା

ବାଲେଶ୍ୱର,୧୧।୮ (ନି.ପ୍ର): ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା କର୍କଟ ପୀଡ଼ିତ ମେଧାବୀ ଛାତ୍ରୀ ମୋନାଲିସା ମଣ୍ଡଳଙ୍କ ପ୍ରତି ବିଭିନ୍ନ ମହଲରୁ ସମବେଦନା ପ୍ରକାଶ ପାଇଛି। ସଦର ବ୍ଲକ ଅନ୍ତର୍ଗତ ଜୁଆରୀ ଗ୍ରାମର ସାଧାରଣ ଚାଷୀ ଅଜୟ କୁମାର ମଣ୍ଡଳଙ୍କ କନ୍ୟା ହେଉଛନ୍ତି ମୋନାଲିସା। ଦୁଇବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା ଓ ଶିକ୍ଷାଗ୍ରହଣର ଆଗ୍ରହ ଯୋଗୁଁ ଚଳିତ ବର୍ଷର ମ୍ୟାଟ୍ରିକ୍ ପରୀକ୍ଷାରେ ସେ ୮୦ ପ୍ରତିଶତ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି। ନବମ ଶ୍ରେଣୀରେ ପଢୁଥିବା ବେଳେ ମୋନାଲିସା ଡାହାଣ ହାତର ବାହୁ ଏମିତିକି କଲର ବୋନ୍‌ରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହି ଯନ୍ତ୍ରଣା କ୍ରମଶଃ ବଢ଼ିବା ଦେଖି ପରିବାର ଲୋକେ ତାଙ୍କୁ ବାଲେଶ୍ୱରର ବରିଷ୍ଠ ଭେଷଜ ବିଶେଷଜ୍ଞଙ୍କୁ ଦେଖାଇ ପରୀକ୍ଷା କରିଥିଲେ। ରୋଗର ଲକ୍ଷଣ ଦେଖି ଏଠାକାର ଡାକ୍ତରମାନେ ମୋନାଲିସାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇ ଯିବାକୁ ପରିବାରଙ୍କୁ ପରାମର୍ଶ ଦେଇଥିଲେ। ସେହିକ୍ରମରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏମ୍ସରେ ଭର୍ତ୍ତି କରିଥିଲେ। ସେଠାରେ ପରୀକ୍ଷା ପରେ ମୋନାଲିସାଙ୍କୁ ବୋନ କ୍ୟାସର ବୋଲି ଜଣା ପଡ଼ିଲା। ନିୟମିତ ଔଷଧ ସେବନ ସାଙ୍ଗକୁ ଛୋଟିଆ ଅପରେସନ ବି ତାଙ୍କର କରାଯାଇଥିଲା। ରୋଗରେ ପୀଡ଼ିତ ହେବା ଫଳରେ ମୋନାଲିସାଙ୍କ ପାଠପଢ଼ା ମଧ୍ୟ କ୍ଷତି ହୋଇଥିଲା। ମାତ୍ର ଯନ୍ତ୍ରଣାକୁ ସହିବା ସହ ଅତ୍ୟନ୍ତ ଆଗ୍ରହରେ ସେ ପାଠ ପଢ଼ିଲେ। ଡାହାଣ ହାତରେ ଅଧିକ ସମୟ ଲେଖିପାରୁ ନଥିବା କାରଣରୁ ସେ ବାମହାତରେ ଲେଖିବା ଅଭ୍ୟାସ କରିଥିଲେ। ଅତ୍ୟଧିକ ଯନ୍ତ୍ରଣା ସହିବା ପାଇଁ ପେନ୍ କିଲର ଖାଇ ସେ ରାତି ରାତି ପାଠାପଢ଼ି ଶେଷରେ ମ୍ୟାଟ୍ରିକ୍ ପରୀକ୍ଷାରେ ଅଭୁତପୂର୍ବ ସଫଳତା ପାଇଛନ୍ତି। ନିୟମିତ ବ୍ୟବଧାନରେ ଏମ୍ସ ଓପିଡିକୁ ଯାଇ ପରୀକ୍ଷା କରାଇବା ସହ ଔଷଧ ନେଇ ଆସୁଥିଲେ। ମାତ୍ର କରୋନା ପାଇଁ ଏମ୍ସ ଓପିଡି ସେଣ୍ଟର ବନ୍ଦ ରହିଥିବା ବେଳେ ଇତିମଧ୍ୟରେ ତାଙ୍କର ଯନ୍ତ୍ରଣା ବି ବୃଦ୍ଧି ପାଇଛି। ଶେଷରେ ପରିବାର ଲୋକେ ତାଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବାପା ଅଜୟ ମଣ୍ଡଳ ଅର୍ଥ ଅଭାବରୁ ନିଜ କନ୍ୟାକୁ କୌଣସି ଘରୋଇ ହସପିଟାଲରେ ଉନ୍ନତ ଚିକିତ୍ସା ସେବା ଦେଇପାରୁ ନଥିବାରୁ ଦୁଃଖ ବି ପ୍ରକାଶ କରୁଛନ୍ତି। ତେବେ ମୋନାଲିସାଙ୍କ ବାବଦରେ ଖବର ପ୍ରକାଶ ହେବା ପରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ବିଡିଓ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଚିକିତ୍ସା ବାବଦରେ ସମସ୍ତ ଦାୟିତ୍ୱ ନେଇଛନ୍ତି। ଏମିତିକି ଆବଶ୍ୟକ ପଡ଼ିଲେ ମୋନାଲିସାଙ୍କୁ ଆଚାର୍ଯ୍ୟ ହାରିହର କ୍ୟାନସର ହସପିଟାଲକୁ ନେବାର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ୍ ଜଗଦେବ ପ୍ରକାଶ କରିଛନ୍ତି। ତେବେ ମୋନାଲିସାଙ୍କ ଏଭଳି ସ୍ଥିତିକୁ ନେଇ କେତେକ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇବା ସହ କିଛି କିଛି ଆର୍ଥିକ ସହାୟତା ଦେଇଛନ୍ତି। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ହୋଇଥିବା ବେଳେ ଝିଅର ଚିକିତ୍ସା ଚିନ୍ତାରେ ମ୍ରିୟମାଣ ହୋଇପଡ଼ିଛନ୍ତି ପିତାମାତା। ସରକାରୀ ସାହାଯ୍ୟ ସାଙ୍ଗକୁ ବିଭିନ୍ନ ମହଲରୁ ସହଯୋଗ ପାଇଁ ସେ ସମସ୍ତଙ୍କୁ ନେହୁରା ହୋଇଛନ୍ତି ମଧ୍ୟ। ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ତାଙ୍କୁ ସାହାଯ୍ୟ ପାଇଁ ଇଚ୍ଛା ପ୍ରକାଶ କରନ୍ତି, ତାହାଲେ ୯୧୭୮୦୨୩୬୬୯ ନମ୍ବରରେ ଯୋଗଯୋଗ ନିମନ୍ତେ ବାପା ଅଜୟ ମଣ୍ଡଳ ନିବେଦନ କରଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo